ଧରିତ୍ରୀ
DHARITRI
February 1-7, 2026 ₹ 2/-
ଧରିତ୍ରୀ DHARITRI 52 Years

# ଛୁଟିଦିନ



୩

ପ୍ରଚ୍ଛଦ ପ୍ରସଙ୍ଗ

# ଏମାନେ ସକ୍ଷମ

ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶାରୀରିକଭାବେ ସକ୍ଷମ ହେବା ଯେତିକି ଜରୁରୀ ନୁହେଁ, ସେତିକି ଜରୁରୀ ମନୋବଳ ଦୃଢ ହେବା, ଯାହା ପ୍ରମାଣ କରି ଦେଖାଇଛନ୍ତି କେତେଜଣ ଦୃଷ୍ଟିବାଧିତ।

# ନେମ୍‌ପ୍ଲେଟ୍‌କୁ ନେଇ ବାସ୍ତୁ

**ଘରକୁ ଚିହ୍ନାଇବାରେ ସାହାଯ୍ୟ କରିବା ସହିତ ନେମ୍‌ପ୍ଲେଟ୍ ଘରର ସୌନ୍ଦର୍ଯ୍ୟକୁ ବି ବଢାଇଥାଏ। ଘର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ସମସ୍ତଙ୍କର ପ୍ରଥମ ନଜର ଏହା ଉପରେ ପଡୁଥିବାରୁ ଏହା ଯେତେ ପରିଷ୍କାର ରହିବ ସେତେ ଭଲ। ତେବେ ନେମ୍‌ପ୍ଲେଟ୍ ଲଗାଇବାକୁ ନେଇ କ'ଣ ରହିଛି ବାସ୍ତୁ ଟିପ୍ସ ଜାଣନ୍ତୁ ସେ ସମ୍ପର୍କରେ...**




✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ପ୍ରତ୍ୟେକ ଘରର ମାଲିକଙ୍କୁ ତାଙ୍କ ଦାଣ୍ଡ ଦୁଆରେ ନେମ୍‌ପ୍ଲେଟ୍ ଲଗାଇବା ନିହାତି ଆବଶ୍ୟକ। କାରଣ ଏହା ଏକ ସମ୍ମାନର କଥା। ମଥାରେ ଟିକା ଲଗାଇବା ଯେମିତି ଶୁଭ ଦାଣ୍ଡଦୁଆରେ ନେମ୍‌ପ୍ଲେଟ୍ ଲଗାଇବା ମଧ୍ୟ ସେମିତି ଶୁଭ।

✲ ମୁଖ୍ୟଦ୍ୱାର କିମ୍ବା ତାକୁ ଲାଗି ରହିଥିବା କବାଟରେ ନେମ୍‌ପ୍ଲେଟ୍ ଲଗାଇବା ଦ୍ୱାରା ଘରର ଧନବୃଦ୍ଧି ହୁଏ ବୋଲି ବିଶ୍ୱାସ।

✲ ନେମ୍‌ପ୍ଲେଟ୍‌ରେ ଲେଖା ଯାଇଥିବା ନାମ ଯେତେ ସ୍ପଷ୍ଟ ଦେଖାଯାଉଥିବ ସେତେ ଭଲ। ଅତି କମ୍‌ରେ ଦୁଇ/ତିନି ଫୁଟ ଦୂରତାରୁ ଏହାକୁ ଯେମିତି ପଢି ହେଉଥିବ ସେଥିପ୍ରତି ନଜର ଦେବା ଆବଶ୍ୟକ।

✲ ଘରର ମୁଖ୍ୟଦ୍ୱାରକୁ ମ୍ୟାଚିଂ ହେଲାଭଳି ନେମ୍‌ପ୍ଲେଟ୍ ଲଗାଇବା ଦରକାର।

✲ ଧାନଦେବେ ଯେମିତି ମୁଖ୍ୟଦ୍ୱାର ଓ ନେମ୍‌ପ୍ଲେଟ୍ ଉପରେ ପର୍ଯ୍ୟାପ୍ତ ଆଲୋକ ପଡିପାରୁଥିବ। ଆବଶ୍ୟକ ହେଲେ ଏଲ୍‌ଇଡି ଲାଇଟ୍ ଦ୍ୱାରା ମଧ୍ୟ ଏହାକୁ ଡେକୋରେଟ୍ କରିପାରିବେ।

✲ ନେମ୍‌ପ୍ଲେଟ୍ ଏମିତି ଧାତୁରେ ତିଆରି ହେବା ଦରକାର, ଯେଉଁଥିରେ ସହଜରେ ଜଙ୍କ୍ ଲାଗୁ ନଥିବ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧-୭, ୨୦୨୨

**ମେଷ**



କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପାରିବାରିକ ବୈଷମ୍ୟ, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ବୈପ୍ଳବିକ ଚିନ୍ତାଧାରା, ପ୍ରଶାସନିକ ଅସ୍ଥିରତା, ବନ୍ଧୁସମ୍ପର୍କ ହାନୀ, ସହକର୍ମୀଙ୍କ ଶତ୍ରୁତା, ଜମିଜମା କ୍ରୟବିକ୍ରୟ, ମାନସିକ ଦ୍ୱନ୍ଦ୍ୱ, ମନୋରଞ୍ଜନର ସୁଯୋଗ ।।

**ବୃଷ**




ପାରିବାରିକ ଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, ପ୍ରତିବନ୍ଧକ ଦୂରେଇଯିବ, ମିଥ୍ୟାଭିଯୋଗ ଆସିପାରେ, ରଚନାତ୍ମକ କାର୍ଯ୍ୟାରମ୍ଭ, କରଜଦାତାଙ୍କ ଚାପ, ପଡୋଶୀଙ୍କ ସୌହାର୍ଦ୍ଦ୍ୟ, ଫଳପ୍ରଦ ଆଲୋଚନା, ବନ୍ଧୁପରିସର ବୃଦ୍ଧି ।।

**ମିଥୁନ**



ମାନସିକ ଅସ୍ଥିରତା, ଶତ୍ରୁତାର ଅବସାନ, ସ୍ୱାସ୍ଥ୍ୟରେ ଉନ୍ନତି, ସମସ୍ୟାର ସମାଧାନ, ଋଣ ପରିଶୋଧ, ଯାନବାହନ ନବୀକରଣ, ସ୍ୱର୍ଣ୍ଣାଳଙ୍କାର ଖରିଦ, ରାଜନୈତିକ ଆଲୋଚନା, ପ୍ରିୟଜନଙ୍କ ଅସହଯୋଗ ।।

**କର୍କଟ**




କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଆର୍ଥିକ ସଂକଟ, ଅପ୍ରିୟସତ୍ୟ ଭାଷଣରୁ କଳହ, ବନ୍ଧୁସମ୍ପର୍କ ହାନୀ, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ନୂତନ ଗୃହାରମ୍ଭ, ନିଯୁକ୍ତି ସୁଯୋଗ ପାଇବେ, ନିଷ୍ପତ୍ତି ବଦଳାଇବେ, ଯାତ୍ରା ସ୍ଥଗିତ ରହିପାରେ ।।

**ସିଂହ**



ମାନସିକ ଅନ୍ତର୍ଦ୍ୱନ୍ଦ୍ୱ, ଅଭାବ ଦୂରେଇଯିବ, ପ୍ରଶାସନିକ ଆଲୋଚନା, ଶେୟାର ବଜାରରେ ଉନ୍ନତି, ଗୃହସୀମା ବିବାଦ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଭ୍ରାତୃ ସମ୍ପର୍କରେ ଉନ୍ନତି, ବିଦେଶଯାତ୍ରାର ସୁଯୋଗ ।।

**କନ୍ୟା**



ସ୍ୱାସ୍ଥ୍ୟନିୟନ୍ତ୍ରିତ ରହିବ, ବନ୍ଧୁମିଳନରୁ ଆନନ୍ଦ, ବ୍ୟବସାୟ ସନ୍ତୋଷଜନକ, ଆତ୍ମୀୟଙ୍କ ଅନୁରାଗ, ଏଜେନ୍ସିପର ପ୍ରସାର, ପ୍ରକଳ୍ପାରମ୍ଭର ପରିକଳ୍ପନା, ଅର୍ଥନୈତିକ ସଂସ୍କାର, ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ, ଆନୁଷ୍ଠାନିକ କାମରେ ପ୍ରଶଂସା, ସମସ୍ୟାର ସମାଧାନ ।।

**ତୁଳା**




କର୍ମଜଞ୍ଜାଳ ବୃଦ୍ଧି, ବ୍ୟସ୍ତତା ବୃଦ୍ଧିପାଇବ, ସମ୍ପର୍କୀୟଙ୍କ ସହାନୁଭୂତି, ସ୍ୱାୟବିକ ଦୁର୍ବଳତା, ସାଂସ୍କୃତିକ କାର୍ଯ୍ୟକ୍ରମ, ରଚନାତ୍ମକ କାର୍ଯ୍ୟାରମ୍ଭ, ଜମିଜମା ବିବାଦ, ଅର୍ଥ ସମ୍ପର୍କୀୟ ଆଲୋଚନା, ଦୂରଯାତ୍ରାର ଯୋଜନା, ନୂତନ ବନ୍ଧୁସମ୍ପର୍କ ।।

**ବିଛା**



ମାନସିକ ସ୍ଥିରତା, ବନ୍ଧୁଙ୍କ ପ୍ରତାରଣା, ନୈରାଶ୍ୟତା ଦୂର ହେବ, ଆର୍ଥିକ ସଂକଟ, ସରକାରୀ ସହାୟତା, ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ କଳହ, ବିବାଦର ପରିସମାପ୍ତି, ପ୍ଲଟିଂ କାରବାରରେ ଉନ୍ନତି, ପରୋପକାର ମନୋଭାବରୁ ପ୍ରଶଂସା ।।

**ଧନୁ**




ଶାରୀରିକ ଅସୁସ୍ଥତା, ପରିସ୍ଥିତି ବଦଳିଯିବ, ସାହାଯ୍ୟ ସହଯୋଗ ପାଇବେ, ଉପରିସ୍ଥଙ୍କ ପ୍ରତିଶ୍ରୁତି, ଅଧସ୍ତନଙ୍କ ଅନୁରାଗ, ଭାବ ପ୍ରବଣତା ବୃଦ୍ଧି, ସୁନ୍ଦର ପରିକଳ୍ପନା, ଅନିର୍ବଚନୀୟ ଆନନ୍ଦ, ସମ୍ପର୍କର ମାଦକତା ।।

**ମକର**



ନୂତନ ଯୋଜନାରମ୍ଭ, ଆର୍ଥିକ ସହଯୋଗପ୍ରାପ୍ତି, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟତା, ସନ୍ତାନଙ୍କ ବିଶୃଙ୍ଖଳା, କଚେରୀ ମାମଲାରେ ବାଇଦା, ପାରିବାରିକ ଦ୍ୱନ୍ଦ୍ୱ, ଭିଜିଲାନ୍ସ ଚଢାଉ, ରାଜନୈତିକ ବିତର୍କ, ମୂଲ୍ୟବାନ ଜିନିଷ କ୍ରୟ ।।

**କୁମ୍ଭ**



ସ୍ଥଗିତ କର୍ମାରମ୍ଭ, ପ୍ରତୀକ୍ଷାଜନିତ କଷ୍ଟ, ବନ୍ଧୁଙ୍କ ବୃଥା ସନ୍ଦେହ, ମାନସିକ ଅଶାନ୍ତି, ଶାରିରୀକ ଅସମର୍ଥତା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ବ୍ୟବସାୟିକ ଉତ୍କର୍ଷତା, ବନ୍ଧୁମାନଙ୍କ ପ୍ରଶଂସା, କଳାସାହିତ୍ୟରେ ଉନ୍ନତି ।।

**ମୀନ**



ସଂକଟ ଦୂର ହେବ, ପରିସ୍ଥିତି ବଦଳିଯିବ, ଅନୁଗତଙ୍କ ଆନୁଗତ୍ୟ, ସାମୟିକ ଆଶ୍ୱସ୍ତି, ଆର୍ଥିକ ସାହାଯ୍ୟପ୍ରାପ୍ତି, ପ୍ରିୟଜନଙ୍କ ଅନୁରାଗ, ବୁଦ୍ଧିଜିବୀଙ୍କ ପରାମର୍ଶ, ପରିବାରର ଖର୍ଚ୍ଚଭାର ବୃଦ୍ଧି, ନୂତନ ବନ୍ଧୁସମ୍ପର୍କ, ବିବାଦୀୟ ପରିସ୍ଥିତି, ଯୋଗଶିକ୍ଷାରେ ରୁଚି ।।

# ବାହାର କାନ୍ଥରେ କେଉଁ ରଙ୍ଗ ଲଗାଇବା ଶୁଭ

ଘର ଭିତରର ସାଜସଜ୍ଜା ସାଙ୍ଗକୁ ବାହାର କାନ୍ଥରେ କେଉଁ ରଙ୍ଗ ଲଗାଇଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ, ଜାଣନ୍ତୁ ସେ ସମ୍ପର୍କରେ... ✲ ଶାନ୍ତିର ପ୍ରତୀକ ହେଉଛି ଧଳା ରଙ୍ଗ। ଏହା କାନ୍ଥକୁ ଏଲିଗାଣ୍ଟ ଲୁକ୍ ଦେଇଥାଏ ଆଉ ସବୁବେଳେ ଫ୍ୟାଶନରେ ରହିଥାଏ। ଘର ବାହାର କାନ୍ଥରେ ଧଳା ରଙ୍ଗ ଲଗାଇଲେ ଘର ମଧ୍ୟକୁ କୌଣସି ନକାରାତ୍ମକ ଉର୍ଜ୍ଜା ସହଜରେ ପ୍ରବେଶ କରିପାରେନା ବୋଲି ବିଶ୍ୱାସ ରହିଛି। ✲ ନୀଳ ରଙ୍ଗ ସ୍ୱର୍ଗୀୟ ଉର୍ଜ୍ଜାକୁ ଆକର୍ଷିତ କରେ। ବାହାର କାନ୍ଥରେ ନୀଳ ରଙ୍ଗ ଲଗାଇଲେ ତାହା ସୁନ୍ଦର ଦେଖାଯିବା ସହିତ ଘରକୁ ସବୁବେଳେ ବନ୍ଧୁମାନଙ୍କର ଆଗମନ ହୋଇଥାଏ ବୋଲି ମାନ୍ୟତା ରହିଛି। ✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ବାହାର କାନ୍ଥକୁ ପେଣ୍ଟ କରିବା ପାଇଁ ନାରଙ୍ଗୀ ରଙ୍ଗ ଉତ୍ତମ ହୋଇଥାଏ। ଏହା ଘରର ଶ୍ରୀ ବୃଦ୍ଧି କରିବା ସହିତ ଘରକୁ ସୁଖଶାନ୍ତି ଆଣିଥାଏ ବୋଲି ଲୋକବିଶ୍ୱାସ ରହିଛି। ✲ ହଳଦିଆ ରଙ୍ଗକୁ ବାହାର କାନ୍ଥରେ ଲଗାଇବା ଦ୍ୱାରା ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ କର୍ମକ୍ଷେତ୍ରରେ ଉନ୍ନତି ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ✲ ସବୁଜ ରଙ୍ଗ ସମ୍ପର୍କରେ ନିବିଡ଼ତା ଆଣିଥାଏ। ଘର ବାହାର କାନ୍ଥରେ ଏହି



ରଙ୍ଗ ଲଗାଇଲେ ପଡୋଶୀଙ୍କ ସହ କୁଆଡ଼େ ଉତ୍ତମ ସମ୍ପର୍କ ବଢିଥାଏ ବୋଲି ମାନ୍ୟତା ରହିଛି। ଏହି କ୍ଷେତ୍ରରେ ଗୋଲାପୀ ରଙ୍ଗ ବି ଅନେକ ସାହାଯ୍ୟ କରିଥାଏ।

# ପାଠକୀୟ

✲ ଦେଶକୁ ସ୍ୱାଧୀନ କରିବା ପାଇଁ ନେତାଜୀ ଗଠନ କରିଥିଲେ ଆଜାଦ୍ ହିନ୍ଦ୍ ଫୌଜ। ଯୁବକମାନଙ୍କ ମନରେ ସେ ଭରିଥିଲେ ଦେଶପ୍ରେମର ବହ୍ନି। ତାଙ୍କର ଅସୀମ ସାହସ, ତ୍ୟାଗ, ସଂଗ୍ରାମ ଓ ବଳିଦାନକୁ ଆଜି ବି କିଛି ଯୁବପିଢ଼ି ଆଦର୍ଶ କରି କାର୍ଯ୍ୟରେ ଲଗାଇବା ସହ ତାଙ୍କରି ପଥର ପଥିକ ହୋଇଛନ୍ତି। ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ନେତାଜୀଙ୍କ ପଥରେ'ଟି ଖୁବ୍ ସୁନ୍ଦର ହୋଇଥିଲା।
*– ମୋନାଲି ସାହୁ, କଣ୍ଟିଲୋ*

✲ 'ନେତାଜୀଙ୍କ ପଥରେ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ତଥା ଶିକ୍ଷଣୀୟ ବିଷୟ ଥିଲା। 'ରାଗ କମାଏ ମୋତି', 'ଭାଗ୍ୟ ବଦଳାଇପାରେ ମୂର୍ତ୍ତି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। 'ନେତାଜୀଙ୍କ ଜୀବନ ପୃଷ୍ଠାର ଦୁଇଟି ଫର୍ଦ୍ଦ' ପାଠଟି ବି ଖୁବ୍ ହୃଦୟଛୁଆଁ ଥିଲା।
*– ରାଜଶ୍ରୀ ମହାନ୍ତି, ଭଦ୍ରକ*

✲ 'ନିଆରା ଟୋଷ୍ଟର' ପାଠଟି ସତରେ ବେଶ୍ ଅଜବ ଲାଗୁଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଭାଗ୍ୟ' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ହାତରେ ଥିଲା ମାତ୍ର ୫୦୦ଟଙ୍କା', 'ଇଚ୍ଛା ଥିଲା କ୍ରିକେଟର୍ ହେବି', 'ଦିନ ଗଣୁଛନ୍ତି ଚିତ୍ରାଙ୍ଗଦା' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ମଜାଦାର୍ ଥିଲା।
*– ମହେଶ ମାଝି, ସମ୍ବଲପୁର*

✲ ଲେଖିକା ଓ ଡାକ୍ତର ଇପ୍ସିତା ପ୍ରଧାନଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ସୁନ୍ଦର ଥିଲା। ସାଥୀର ଉତ୍ତର ବି ବେଶ୍ ରୋମାଣ୍ଟିକ୍ ଭରା ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଶୀତରେ ଡେନିମ୍ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। *– ଭବାନୀ ପୁହାଣ, କଟକ*

✲ ସହର ପୃଷ୍ଠାରୁ ମଶୋବରା ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ପକ୍ଷୀଙ୍କ ନିଦ୍ରା ପଛର କଥା' ସମ୍ପର୍କରେ ବିବିଧା ପୃଷ୍ଠାରୁ ଜାଣି ଖୁସି ଲାଗିଲା। 'ଲୁଟି ଖାଅ, କାଟି ପିନ୍ଧ' ଶୀର୍ଷକ ପାଠଟି ମଧ୍ୟ ମନଛୁଆଁ ହୋଇଥିଲା। *– ରଜତ ପୃଷ୍ଟି, ପୁରୀ*

✲ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ନାକରେ ଖାଉଥିବା ମହିଳା', 'ସ୍ୱର୍ଗ ନା ମୃତ୍ୟୁର ଦ୍ୱାର!', 'ବାମନଙ୍କ ଗାଁ' ଆଦି ପାଠର ଉପସ୍ଥାପନା ଶୈଳୀ ଯେମିତି ଆଶ୍ଚର୍ଯ୍ୟକର ଥିଲା ସେମିତି ତଥ୍ୟପୂର୍ଣ୍ଣ ବି ହୋଇଥିଲା। 'ଜୟନ୍ତୀଗଡ଼' ପାଠଟି ବି ବେଶ୍ ଶିକ୍ଷଣୀୟ ଥିଲା।
*– ମନୋଜ ଛାଟୋଇ, ରସୁଲଗଡ଼*



## ବିଶେଷ ଚିଠି

ପଢିଲି 'ଭାଗ୍ୟ ବଦଳାଇ ପାରେ ମୂର୍ତ୍ତି'
ଆଉ କେମିତି 'ରାଗ କମାଏ ମୋତି'।
ଯୁବପିଢିଙ୍କର ଥିଲେ ସେ ଆଦର୍ଶ,
ପ୍ରଚ୍ଛଦ ପ୍ରସଙ୍ଗରେ ନେତାଜୀ ସୁବାଷ।
ଶୀତୁଆ ସକାଳେ ପଢିଲି ପୃଷ୍ଠା ସୃଜନ
ଆନନ୍ଦରେ ଖେଳିଯାଏ ଏଇ ତନୁମନ।
ସହରଠୁ ଦୂର ନୂଆ ପର୍ଯ୍ୟଟନ
ଯିବା ପାଇଁ ବାହାରିଲା ଏ ମନ।
ହାଃ ହାଃରେ ମଜା କଥା ସବୁ
ହସେଇ ହସେଇ କରିନିଏ କାବୁ।
ଧରିତ୍ରୀ ଛୁଟିଦିନ ତମେ ନୂତନ ଉନ୍ମାଦନା
ରବିବାର ଛଡ଼ା କାହିଁକି ଆଉ କେବେ ଆସନା ?
*– ସୁନିଲ କୁମାର ବେହେରା, ମଦାରୀ, ବାସୁଦେବପୁର, ଭଦ୍ରକ – ୭୫୬୧୨୫*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଏମାନେ ସକ୍ଷମ

**ଲ**କ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶାରୀରିକଭାବେ ସକ୍ଷମ ହେବା ଯେତିକି ଜରୁରୀ ନୁହେଁ, ସେତିକି ଜରୁରୀ ମନୋବଳ ଦୃଢ ହେବା। ଯାହା ପ୍ରମାଣ କରି ଦେଖାଇଛନ୍ତି କେତେଜଣ ଦୃଷ୍ଟିବାଧିତ।

ଶାରୀରିକଭାବେ ସକ୍ଷମ ଥାଇ ବି ଅନେକ ଲୋକ କାମକୁ ପଛାଇ ଯାଆନ୍ତି। ଅନ୍ୟ ଉପରେ ବୋଝ ହୁଅନ୍ତି। କିନ୍ତୁ ଏମିତି କିଛି ଦୃଷ୍ଟିବାଧିତ ମଣିଷ ଅଛନ୍ତି ଯେଉଁମାନଙ୍କ ପାଇଁ ନିଜ ଶାରୀରିକ ଦୁର୍ବଳତା ତାଙ୍କ ଲକ୍ଷ୍ୟପଥର ସମସ୍ୟା ହୋଇନାହିଁ। ଏମାନଙ୍କ ପାଖରେ ସେମିତି ଅଧିକା ଶିକ୍ଷାଗତ ଯୋଗ୍ୟତା ବି ନାହିଁ ଯେ, କେଉଁଠି ଚାକିରି କରି ନିଜ ପେଟ ପୋଷିବେ। ତଥାପି ବି ସେମାନେ ହାରି ଯାଇ ନାହାନ୍ତି। ବରଂ କାହା ଉପରେ ନିର୍ଭର ନ କରି ସେମାନେ ନିଜକୁ ଗଢିଛନ୍ତି। ସ୍ୱାବଲମ୍ବୀ ହୋଇ ନିଜ ପରିବାର ଚଳାଇବା ସହ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି।

**ଭଗବାନଙ୍କ ପାଖରେ ଅଭିଯୋଗ ନାହିଁ**–ଭୁବନେଶ୍ୱର ଏକାମ୍ର ହାଟ ପ୍ରଦର୍ଶନୀ ପଡ଼ିଆରେ ବର୍ଷର ବିଭିନ୍ନ ସମୟରେ ନାନା ପ୍ରକାର ଉତ୍ସବ ମହୋତ୍ସବ ଆୟୋଜନ ହୋଇଥାଏ, ଯେଉଁଠାକୁ ଅନେକ ଲୋକ ଆସନ୍ତି। ଏଇ ଭିଡ ଭିତରେ ବାରି ହୋଇପଡ଼ନ୍ତି ଏମିତି କେତେଜଣ ମଣିଷ, ଯିଏ ଏଠାକୁ ମନ ଖୁସିରେ ବୁଲିବାକୁ ଆସି ନ ଥାଆନ୍ତି। ବରଂ ଆସିଥାଆନ୍ତି ରୋଜଗାର ଆଶାରେ। ଏମାନେ କେଉଁଠି କ୍ୟାଲେଣ୍ଡର ତ ପୁଣି କେଉଁଠି ଓଜନମାପ ଯନ୍ତ୍ର ଧରି ବସିଥାନ୍ତି ଗରାଖଙ୍କ ଅପେକ୍ଷାରେ। ଯାତାୟାତ କରୁଥିବା ଦର୍ଶକଙ୍କ ନଜର ବି ପଡ଼ିଥାଏ ଏମାନଙ୍କ ଉପରେଙ୍। କେହି କେହି ଏମାନଙ୍କୁ ଦେଖି ନ ଦେଖିଲା ପରି ବାଟ ଭାଙ୍ଗି ଚାଲି ଯାଆନ୍ତି ତ ପୁଣି କେହି କେହି ସେମାନଙ୍କଠାରୁ କିଛି ସାମଗ୍ରୀ କିଣିନିଅନ୍ତି। ତେବେ ଏହି ମେଳା କି ଛକ ଜାଗାର ଭିଡ଼ ଭିତରେ ଅନ୍ୟ ବେପାରୀଙ୍କଠାରୁ ଟିକେ ଭିନ୍ନ ଲାଗୁଥିବା ବେପାରୀ ହେଲେ କେତେଜଣ ଦୃଷ୍ଟି ବାଧିତ। ସେମାନଙ୍କ ମଧ୍ୟରେ ଜଣେ ଦୃଷ୍ଟିବାଧିତ ହେଲେ **ଆଦିକନ୍ଦ ରାଉତ**। ସେ କୁହନ୍ତି, 'ଜନ୍ମରୁ ମୁଁ ଦୃଷ୍ଟିବାଧିତ ସତ, ହେଲେ ମୁଁ ନିଜକୁ ଅନ୍ୟମାନଙ୍କଠାରୁ କେବେ କମ୍ ଭାବେନି। ଭାବେନି ବି ମୁଁ କିଛି କାମ କରିପାରିବିନି ବୋଲି। ଯେଉଁଥିପାଇଁ ଅନେକ କାମକୁ ସହଜରେ କରିପାରିଥାଏ। ଆମ ଘର କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଅନ୍ତର୍ଗତ ଜୟନଗରରେ। ଆଜକୁ ପ୍ରାୟ ୧୫/୨୦ବର୍ଷ ହେଲାଣି ରହି ଆସୁଛି ଭୁବନେଶ୍ୱରରେ। ଘରେ ଦୁଇ ପୁଅ, ବାପା ଅନ୍ୟମାନେ ବି ରହୁଛନ୍ତି। ପିଲାମାନେ ପାଠ ପଢୁଛନ୍ତି। ମୁଁ ଦୃଷ୍ଟି ବାଧିତ ହେଲେ ମଧ୍ୟ କେବେ ଅନ୍ୟର ଦୟାରେ କିମ୍ବା ଭିକ୍ଷା କରି ବଞ୍ଚିବାକୁ ପସନ୍ଦ କରେନି। ବରଂ ନିଜ ଉଦ୍ୟମରେ ରୋଜଗାର ପାଇଁ ପ୍ରୟାସ କରିଥାଏ। ଭୁବନେଶ୍ୱରରେ ରହୁଥିବାରୁ ବିଭିନ୍ନ ଛକ ଜାଗାର ରାସ୍ତା କଡ଼ରେ ଓଜନମାପ, କ୍ୟାଲେଣ୍ଡରଆଦି ବିକ୍ରି କରିବା ସହିତ ଯାହାକିଛି ରୋଜଗାର ହୁଏ ସେଥିରେ ପରିବାର ଚଳାଇଥାଏ। ଲୋକେ ମୋ ଠାରୁ ଶ୍ରଦ୍ଧାରେ କ୍ୟାଲେଣ୍ଡର, ଖେଳଣା ଆଦି କିଣି ନେଇଥାନ୍ତି। ପ୍ରତିଦିନ ମୁଁ ବଜାରକୁ ଆସି ବିକ୍ରି କରେ।

ଯାହା ରୋଜଗାର ହୁଏ ସେଥିରେ ମୁଁ ଖୁସି। ଭଗବାନଙ୍କ ପାଖରେ ମୋର କିଛି ଅଭିଯୋଗ ନାହିଁ।

**ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶାରୀରିକଭାବେ ସକ୍ଷମ ହେବା ସବୁବେଳେ ଜରୁରୀ ନୁହେଁ। ଜରୁରୀ ହେଉଛି ନିଜ ମନୋବଳ ଦୃଢ କରିବା। ଯାହା ପ୍ରମାଣ କରି ଦେଖାଇଛନ୍ତି କେତେଜଣ ଦୃଷ୍ଟିବାଧିତ। ଏମାନଙ୍କ ପାଖରେ ସେମିତି ଶିକ୍ଷାଗତ ଯୋଗ୍ୟତା ନ ଥାଇ ବି କାହା ପାଖରେ ହାତ ପାତି ନାହାନ୍ତି। ବରଂ ନିଜ ଚେଷ୍ଟାରେ ନିଜକୁ ସ୍ୱାବଲମ୍ବୀ କରିଛନ୍ତି।**


**କାହା ଉପରେ ବୋଝ ହେବାକୁ ଚାହେଁନା:** ଘର ତାଙ୍କର ନୟାଗଡ଼ ଜିଲାରେ। ଘରେ ଗୋଟିଏ ପୁଅ ଏବଂ ଧର୍ମପତ୍ନୀ ରହିଛନ୍ତି। ଭୁବନେଶ୍ୱରରେ ପ୍ରାୟ ୧୫ବର୍ଷରୁ ଅଧିକ ସମୟଧରି ରହିଆସୁଛନ୍ତି। ନିଜ ଚେଷ୍ଟାରେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ସେ ହେଲେ **ସୁଶାନ୍ତ ବାରିକ।** ସୁଶାନ୍ତ କୁହନ୍ତି, 'ପିଲାଟି ଦିନରୁ ମୋର ଆଖି ନଷ୍ଟ ହୋଇଗଲା। ବାପାମା' ମୋ ପାଇଁ ବହୁତ ଚିନ୍ତିତ ହେଲେ। ସମସ୍ତେ ଭାବିଥିଲେ ମୁଁ ଜୀବନରେ ଆଉ କିଛି କରିପାରିବିନି। ଭବିଷ୍ୟତ ଅନ୍ଧକାରମୟ। ହେଲେ ମୋ ଭିତରେ ମୋ ପାଇଁ ବିଶ୍ୱାସ ଥିଲା। ସମୟକ୍ରମେ ଗାଁରୁ ମୁଁ ଭୁବନେଶ୍ୱରକୁ ଆସିଲି। ଏଠାରେ ବିଭିନ୍ନ ଛକଜାଗା ବୁଲି ପିଲାଙ୍କ ଖେଳଣା ବିକ୍ରି କଲି। ଯେଉଁଠି ମେଳାମହୋତ୍ସବ ପଡ଼େ ସେଠାକୁ ଯାଇଥାଏ। ସେଠାରେ ନିଜର ପସରା ପକାଇଥାଏ। ମେଳାମହୋତ୍ସବରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ସଙ୍ଗୀତ ଶୁଣୁଥାଏ। ଲୋକଙ୍କ କୋଳାହଳକୁ ଅନୁଭବ କରିପାରେ। ଏମିତି ମେଳାର ଗହଳି ଭିତରେ ମୋର ବିଭିନ୍ନ ସାମଗ୍ରୀ ଭଲ ବିକ୍ରି ହୋଇଥାଏ। ଭଲ ରୋଜଗାର ବି ହୁଏ। ଭଗବାନଙ୍କୁ ଡାକେ ଏମିତି ମୋର ସବୁଦିନ ହାତ ଗୋଡ଼ ଚାଲୁଥାଉ। ତେବେ ଯାଏ ଚାଲି ବୁଲି ପାରିବି ବେପାର କିରିବି। ଏଥିରେ ମୋ ପରିବାର ବି ବେଶ୍ ଖୁସିରେ ଚଳୁଛି। ମୁଁ କାହାରି ଉପରେ ବୋଝ ହେବାକୁ ଚାହେଁନା। ଚାହେଁନି ମୋ ଦୁଃଖକଷ୍ଟରେ କେହି ସାମିଲ ହୁଅନ୍ତୁ। ନିଜେ ରୋଜଗାର କରି ପରିବାର ଚଳାଉଥିବାରୁ ନିଜକୁ ଧନ୍ୟମନେ କରିଥାଏ।

**ଏକା ଏକା ଚାଲିଛି–** ଘର ଯାଜପୁର ଜିଲାର ଚଣ୍ଡିଖୋଲରେ। ଏବେ ରହୁଛନ୍ତି ଭୁବନେଶ୍ୱରରେ। ବୟସ ପ୍ରାୟ ୬୦ ପାର କରିଗଲାଣି। ସେ ହେଲେ **ଉଗ୍ରସେନ ରାଉତ**।

→



ନଳିନୀ ଭୋଇ



ସୁଶାନ୍ତ ବାରିକ





ସେ କୁହନ୍ତି,' ମୁଁ ଏକା ମଣିଷ । ମୋର ଆଗକୁ କେହି ନାହିଁ କି ପଛକୁ କେହି ନାହିଁ। ନଡ଼ିଆ ଓ ବ୍ୟାଗ୍ ବିକ୍ରି କରିଥାଏ। ଯେତେବେଳେ ଯେଉଁଠି ମେଳା ମହୋତ୍ସବ ହୁଏ ସେଠାକୁ ଯାଏ। ଯେତିକି ବିକ୍ରି ହୁଏ ସେତିକିରେ ମୁଁ ଭଲରେ ଚଳିଯାଏ। ଅନ୍ୟଦିନମାନଙ୍କରେ ଭୁବନେଶ୍ୱର ରାମମନ୍ଦିର, କଳ୍ପନା ଓ ରାଜମହଲ ଆଦି କେତେକ ଛକର ରାସ୍ତା କଡ଼ରେ ନଡ଼ିଆ ବିକ୍ରି କରିଥାଏ। ଏବେ ସତ୍ୟନଗର ବ୍ଲାଇଣ୍ଡ ଆସୋସିଏଶନରେ ରହୁଛି। ଏଇ କିଛି ଦିନ ହେଲା ଜଣେ ଦୃଷ୍ଟିବାଧିତ ଭଉଣୀ ମୋ ସହ ନଡ଼ିଆ ଓ ବ୍ୟାଗ୍ ବିକ୍ରିରେ ସହଯୋଗ କରୁଛନ୍ତି।

**ହାତ ଥିଲେ ଭାତ ମିଳିବ**– ଭୁବନେଶ୍ୱର ରାମ ମନ୍ଦିର ଛକ ରାସ୍ତା କଡ଼ରେ ଜଣେ ଦୃଷ୍ଟିବାଧିତ ମହିଳା ହାତରେ କିଛି ବ୍ୟାଗ୍ ଓ ଖେଳଣା ଧରି ବିକ୍ରି କରୁଥାନ୍ତି। ତାଙ୍କ ପାଖରେ ଠିଆ ହୋଇଥାନ୍ତି ଆଉ ଜଣେ ଦୃଷ୍ଟିବାଧିତ ପୁରୁଷ। ଏହି ମହିଳା ହେଲେ **ସୁଖୀମଣି ମୁଦୁଲି**। ଘର ପୁରୀ ଜିଲାର ଗୋପ ବ୍ଲକ ଅନ୍ତର୍ଗତ ବେଗୁନିଆ ଗାଁରେ । ପଚାରିବାରେ ସେ କୁହନ୍ତି, 'ଜନ୍ମରୁ ମୋର ଆଖିକୁ ଦିଶିଲା ନାହିଁ। ପରିବାର ସେତେବେଳେ ଯଥା ସାଧ୍ୟମତେ ଚିକିତ୍ସା ପାଇଁ ପ୍ରୟାସ କରିଥିଲେ। ହେଲେ ସବୁ ବିଫଳ ହେଲା। ସମସ୍ତେ ଭାବିଲେ ମୋର ଭବିଷ୍ୟତ ଅନ୍ଧାର। ହେଲେ ମୁଁ କିନ୍ତୁ ଆଶା ହରେଇ ନ ଥିଲି। ମୋ ନିଜ ଭବିଷ୍ୟତ ପାଇଁ ମୁଁ ରାସ୍ତା ଖୋଜିଲି। ଭୁବନେଶ୍ୱର ଆସିଲି। ଏବେ ବିଭିନ୍ନ ଛକ ସ୍ଥାନରେ ପିଲାଙ୍କ ଖେଳଣା ଧରି ବିକ୍ରି କରୁଛି। ସେଥିରୁ ଯାହାକିଛି ରୋଜଗାର ହୁଏ ସେଥିରେ ଚଳୁଛି। ଲୋକମାନେ ମୋତେ ସାହାଯ୍ୟ କରୁଛନ୍ତି। ଟ୍ରାଫିକ ପୋଲିସ ମଧ୍ୟ ଆମକୁ ରାସ୍ତାପାର ହେବା ଏବଂ ଛକ ଜାଗାରେ ପାରହୋଇ ଆସିବାରେ ସାହାଯ୍ୟ କରିଥାନ୍ତି। ଯେଉଁ ସ୍ଥାନରେ ବି ବେପାର କରେ ସେଠାରେ ଯାଆସ କରୁଥିବା ଅନେକ ଦୟାବାନ ବ୍ୟକ୍ତି ମୋ ଠାରୁ ବ୍ୟାଗ ଓ ପିଲାମାନଙ୍କ ଖେଳଣା କିଣି ନେଇଥାନ୍ତି। ଏମିତି ଚାଲେ ମୋର ଜୀବନ ଜୀବିକା । ଆଖିକୁ ସିନା ଦିଶୁନି ହେଲେ ଅନ୍ୟ ଅଙ୍ଗ ତ ଚାଲୁଛି। ହାତ ଥିଲେ ଭାତ ମିଳିବ। କାହିଁକି କାହାକୁ ହାତ ପତେଇବା । କିଛି ନା କିଛି ପରିଶ୍ରମକରି ରୋଜଗାର କଲେ ବହୁତ ଶାନ୍ତି ଲାଗୁଛି। ମନ ଖୁସି ରହୁଛି। ଭଗବାନ୍‌ଙ୍କ କୃପାରୁ ଯାହା ଯେଉଁ ଦିନ ବେପାର ହେଉଛି ସେଥିରେ ଦୁଃଖେସୁଖେ ଚଳି ଯାଉଛି।

**ଦୁହେଁ ମିଶି ଚଳାଉଛୁ ପରିବାର–: ରଘୁନାଥ ଭୋଇ**। ଘର କଟକ ଜିଲା ଅଡ଼ଶପୁର ନିକଟ କଣ୍ଠାପଡ଼ା ଅଞ୍ଚଳର ବାଲିଝୋଳରେ। ସେ କୁହନ୍ତି, 'ନବମରେ ପଢୁଥିଲା ବେଳେ କୌଣସି ଏକ ରୋଗରେ ଆକ୍ରାନ୍ତ ହେବାଯୋଗୁ ଧୀରେଧୀରେ ଦୃଷ୍ଟି ଶକ୍ତି କମିବାରେ ଲାଗିଲା। ଚିକିତ୍ସା ପରେ ମଧ୍ୟ ବିଶେଷ କିଛି ସଫଳତା ମିଳିଲା ନାହିଁ। କ'ଣ କରିବି କିଛି ଭାବି ପାରୁ ନ ଥାଏ। କାରଣ ସେତେବେଳେ ଘରର ଆର୍ଥିକ ପରିସ୍ଥିତି ବହୁତ ଖରାପ ଥାଏ। ସମୟ କ୍ରମେ ମୋର ବିବାହ ହେଲା, ସେ ବି ଜଣେ ଦୃଷ୍ଟିବାଧିତ। ଦୁହେଁ ମିଶି କିଛି କରିବା ପାଇଁ ନିଷ୍ପତ୍ତି ନେଲୁ। ଏବେ ଆମର ପୁଅ ଅଛି, ସେ ପଢୁଛି। ମୁଁ ଏବଂ ମୋ ସ୍ତ୍ରୀ ବିଭିନ୍ନ ମହୋତ୍ସବ ସ୍ଥାନରେ ବିଭିନ୍ନ ଖେଳଣା ବିକ୍ରି କରୁଛୁ। ସରକାରୀ ସ୍ତରରୁ ୧୨ଶହ ଟଙ୍କା ଲେଖାଏ ଭତ୍ତା ପାଉଛୁ। ଭୁବନେଶ୍ୱର ହେଉ କି ଆମ ଗାଁ ପାଖରେ ଯେଉଁଠି ଯେତେବେଳେ ମେଳା ମହୋତ୍ସବ ହୁଏ ସେଠାରେ ପହଞ୍ଚି ଯାଉ । ଦୁଇଜଣ ମିଶି ଯାହାକିଛି ବିକ୍ରି କରିଥାଉ ସେଥିରେ ଘର ଚଳିଥାଏ। ଆମେ ଦୃଷ୍ଟିବାଧିତ ହେଲେ ମଧ୍ୟ କେବେ କାହା ପାଖରେ ହାତ ପତେଇବାକୁ ଚାହିଁନୁ। ଆମ ରୋଜଗାରରେ ଆମ ପରିବାର ଚଳୁଛି। ସେଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ।

**ରୋଜଗାର ଦେଇଛି ଖେଳଣା –:** ଯେଉଁଠି ମେଳା ମହୋତ୍ସବ ଲାଗେ ସେ ବିଭିନ୍ନ ଖେଳଣା ସାମଗ୍ରୀ, କ୍ୟାଲେଣ୍ଡର ଆଦିର ପସରା ମେଲାଇ ବସି ଯାଆନ୍ତି। ଗରାଖ ଆସି ମୁଲଚାଲ କଲେ ତାଙ୍କ ମୁହଁରେ ହସ ଫୁଟି ଉଠେ। ଗରାଖଙ୍କ ସହ ହସି ହସି କଥା ହେଉଥିବା ଏହି ମହିଳାଜଣକ ହେଲେ **ନଳିନୀ ଭୋଇ**। ତାଙ୍କ ସହ କଥା ହେଲେ ଲାଗେନି ସତରେ ତାଙ୍କ ଭିତରେ କିଛି ଦୁଃଖ ଅଛି। ନଳିନୀ କୁହନ୍ତି, 'ପ୍ରାୟ ୬ବର୍ଷର ହୋଇଥିଲି ମିଳିମିଳା ଯୋଗୁ କେମିତି କ'ଣ ହେଲା କେଜାଣି ମୋର ଆଖି ଦୁଇଟି ନଷ୍ଟ ହୋଇଗଲା। ସେବେଠାରୁ ମୁଁ ଦୃଷ୍ଟିଶକ୍ତି ହରାଇଲି। ଏପଟେ ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିଲା। ସବୁବେଳେ ଅଭାବ ଲାଗି ରହୁଥିଲା। ମୋ ପାଇଁ ବାପା ମା ଭାରି ଚିନ୍ତାରେ ଥାଆନ୍ତି। ସେମାନଙ୍କ ଉପରେ ସବୁଦିନ ବୋଝ ନ ହୋଇ ନିଜକଥା ନିଜେ କେମିତି ବୁଝିବି ସେକଥା ଚିନ୍ତା କଲି। ଭାବିଲି କିଛି ବେପାର କରିବି। ବଞ୍ଚିବା ପାଇଁ ଖେଳଣା ବିକିବା ଆରମ୍ଭ କଲି। ପରିବାରର ଅନ୍ୟମାନେ ମତେ ସହଯୋଗ କରିଥାନ୍ତି। ଏବେ ଆମେ ଭୁବନେଶ୍ୱରରେ ରହୁଛୁ। ଆଖିକୁ ଦିଶୁନି ସତ । ହେଲେ ମନ ଦୁଃଖ ନ କରି କର୍ମକୁ ଆଦରି ନେଇଛି। ବିଭିନ୍ନ ସ୍ଥାନରେ ଆୟୋଜିତ ମେଳାକୁ ଯାଇ ସେଠାରେ ପସରା ପକାଉଛି। ବେଶ୍ କିଛି ରୋଜଗାର ବି ହେଉଛି। ସେଇଥିରେ ମୋର ଆନନ୍ଦ।

**ପୁରୁଣା କଥା ମନେପଡ଼ିଲେ ଦୁଃଖ ଲାଗେ: ପ୍ରଶାନ୍ତ ସାହୁ** । ଘର ଭୁବନେଶ୍ୱର, ଗାଡ଼କଣ ଅଞ୍ଚଳରେ। ବିଭିନ୍ନ ମେଳା ମହୋତ୍ସବରେ ପିଲାଙ୍କ ଖେଳଣା ଧରି ବିକ୍ରି କରୁଥିବାର ଯେ କେହି ଦେଖିବେ। ଭଲ ରୋଜଗାର ହେଉଛି ପଚାରିଲେ ବଡ଼ କରି 'ହଁ' କରନ୍ତି। ପଚାରିଲେ କୁହନ୍ତି, 'ପିଲାଦିନେ ପ୍ରାୟ ବର୍ଷେ ଆଠମାସର ହୋଇଥିଲି । ସେତେବେଳେ ମିଳିମିଳା ହେଲା। ସେଥିରେ ଆକ୍ରାନ୍ତ ହୋଇ ମୋର ଦୁଇଟି ଆଖି ନଷ୍ଟ ହୋଇଗଲା। ଆଉ ଅଖିକୁ ଦିଶିଲା ନାହିଁ। ଆଖିଥିବା ବେଳ କଥା ମନେ ପଡ଼ିଲେ ବହୁତ ଦୁଃଖ ଲାଗେ। ଏବେ ଆଖିକୁ ଆଉ ଦିଶୁନି ସତ କିନ୍ତୁ ମନରେ ଦୁଃଖ ନ କରି ନିଜର କର୍ମକୁ ଆଦରି ନେଇଛି। ନିଜେ ରୋଜଗାର କରି ଚଳିବା ପାଇଁ ବିଭିନ୍ନ ଆଡ଼େ ଯାଇ ପିଲାଙ୍କ ଖେଳଣା ଆଣି ବିକ୍ରି କରୁଛି। ଏମିତିରେ ଚାଲିଗଲାଣି କେତେ ବର୍ଷ। ସେଥିରୁ ଯାହାକିଛି ରୋଜଗାର ହୁଏ ସେଥିରେ ପରିବାର ଚଳୁଛି।

**ଈଶ୍ୱରଙ୍କ ଇଚ୍ଛାକୁ ଗ୍ରହଣ କରିନେଇଛି**– ଭୁବନେଶ୍ୱର ରେଳଷ୍ଟେଶନ ପାଖ, ବିଭିନ୍ନ ଛକ, ବସ୍ ଷ୍ଟାଣ୍ଡ ଆଦି କେତେକ ସ୍ଥାନରେ ସେ ବାଦାମ ବିକନ୍ତି। ହାତରେ ଝୁଲୁଥାଏ ଏକ ବଡ଼ ଜରିବ୍ୟାଗ । ଆଉ ଗୋଟେ ହାତରେ ଧରିଥାନ୍ତି ଦୃଷ୍ଟିବାଧିତଙ୍କୁ ଯାତାୟତରେ ସାହାଯ୍ୟ କରୁଥିବା ଷ୍ଟିକ୍। ସକାଳୁ ସନ୍ଧ୍ୟାଯାଏ ବିଭିନ୍ନ ଛକ ଜାଗାରେ ବୁଲି ବୁଲି ସେ ବାଦାମ ବିକ୍ରି କରିଥାନ୍ତି। ସେ ହେଲେ **ସୂର୍ଯ୍ୟକାନ୍ତ ମହାପାତ୍ର** । ଘର ଖୋର୍ଦ୍ଧା ଜିଲାର ଚିଙ୍ଗୁଡ଼ିରେ। ସେ କୁହନ୍ତି,' ପିଲାଟି ଦିନରୁ ମୋର ଦୁଇଟି ଆଖି ନଷ୍ଟ ହୋଇଯାଇଛି। ହେଲେ ଅନ୍ୟମାନଙ୍କ ପରି ରୋଜଗାର କରି ଚଳିବାକୁ ଚିନ୍ତା କଲି। ସେଥିପାଇଁ ବାଦାମ ବେପାର କରୁଛି। ଘରେ ବାଦାମକୁ ୨୦ଟଙ୍କିଆ ପୁଡ଼ିଆ କରି ଦେଇଥାନ୍ତି। ସେ ସବୁକୁ ଜରି ବ୍ୟାଗରେ ଝୁଲାଇ, ଡାକି ଡାକି ବେପାର କରିଥାଏ। ଯେଉଁ ଦିନ ଯେତିକି ବାଦାମ ବିକ୍ରି ହୋଇଥାଏ ସେହି ଅର୍ଥକୁ ଘରେ ଦିଏ। ଏମିତି ଚାଲିଛି ପ୍ରତିଦିନ। ଖଟୁଛୁ, ବେପାର କରି ପେଟ ପୋଷୁଛି। ମନରେ ଦୁଃଖ କାହିଁକି କରିବି । ଈଶ୍ୱରଙ୍କ ଯାହା ଇଚ୍ଛା ତାକୁ ଗ୍ରହଣ କରିଛି।

କେବଳ ଏମାନେ ନୁହନ୍ତି ଏମାନଙ୍କ ଭଳି ଆହୁରି ଅନେକ ଦୃଷ୍ଟିବାଧିତ ଅଛନ୍ତି ଯେଉଁମାନଙ୍କ ପାଇଁ ଦୃଷ୍ଟିହୀନତା ସମସ୍ୟା ହୋଇ ଛିଡ଼ା ହୋଇନି। ବରଂ ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛନ୍ତି।

–ବନବିହାରୀ ବେହେରା


ରଘୁନାଥ ଭୋଇ


ସୂର୍ଯ୍ୟକାନ୍ତ ମହାପାତ୍ର


ଆଦିକନ୍ଦ ରାଉତ


ଉଗ୍ରସେନ ରାଉତ


ସୁଖୀମଣି ମୁଦୁଲି

# ଦାମୀ ଗାଉନ୍



ଗାଉନ୍, ହୋଇପାରେ ୱେଷ୍ଟର୍ନ ୱେର୍ । ହେଲେ ଏବେ ଏହା ପ୍ରାୟ ସବୁ ମହିଳାଙ୍କର ପ୍ରିୟ। ଆଉ ପାର୍ଟି, ଫଙ୍କସନ୍ ପାଇଁ ପାଲଟିଛି ପ୍ରଥମ ପସନ୍ଦ। କାରଣ ଷ୍ଟାଟସ୍, ଲକ୍ଜ୍ୟୁରି ସହ ଗ୍ଲାମରସ ଲୁକ୍ ଦିଏ ଗାଉନ୍। ହେଲେ ଏମିତି କିଛି ଗାଉନ୍ ଅଛି, ଯାହା ଆଖି ଝଲସେଇ ଦେଲା ଭଳି ସୁନ୍ଦର ହୋଇଥିଲେ ହେଁ ତାକୁ କିଣି ହେବ ନାହିଁ କି ପିନ୍ଧି ହେବ ନାହିଁ । କାରଣ ଏସବୁ ହେଉଛି ପୃଥିବୀର ସବୁଠାରୁ ଦାମୀ ଗାଉନ୍...

**ନାଇଟିଂଗଲ ଅଫ୍ କୁଆଲାଲମ୍ପୁର:** ଏହା ହେଉଛି ହାତ ତିଆରି ଏମିତି ଏକ ଗାଉନ୍, ଯାହା ସାରା ପୃଥିବୀରେ ସବୁଠାରୁ ଦାମୀ ଗାଉନ ଭାବେ ପରିଚିତ। ମାଲେସିଆର ଡିଜାଇନର୍ ଫୈଜଲୀ ଅବ୍ଦୁଲାହ୍ ୨୦୦୯ରେ ଏହାକୁ ତିଆରି କରିଥିଲେ। କ୍ରିମସନ୍ ସିଲ୍କ, ସିଫନ୍, ଟାଫେଟା ଓ ସାଟିନ୍ ଆଦି ମାଟେରିଆଲ ଏଥିରେ ବ୍ୟବହାର ହୋଇଛି। ଏଥିରେ ଖଚିତ ହୋଇଛି ୭୦ କ୍ୟାରେଟ୍‌ର ୭୫୧ଟି ହୀରା। ଏକ ବଡ଼ ପିୟର୍ ଆକାରର ହୀରା ଗାଉନ୍‌ର ମଝି ଭାଗରେ ଅଛି। 'ଦ ରୋଜ ଆଣ୍ଡ ଦ ନାଇଟିଂଗଲ' କବିତାରୁ ପ୍ରେରଣା ପାଇ ଏହାକୁ ଡିଜାଇନ୍ କରାଯାଇଛି। ୨୦୦୯, ଷ୍ଟାଇଲୋ ଫ୍ୟାଶନ ଗ୍ରାଣ୍ଡ ପ୍ରିକ୍ସ କେଏଲ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଏହାର ମୂଲ୍ୟ ୩୦ ମିଲିୟନ ଡଲାର।


**ହୀରାର ୱେଡିଂ ଗାଉନ୍:** ୨୦୦୬ ମସିହାରେ ଡିଜାଇନର୍ ରେନି ଷ୍ଟ୍ରସ୍ ଏବଂ ଜୁଏଲର୍ ମାର୍ଟିନ କାଜ୍ ତିଆରି କରିଥିଲେ ଏହି ଗାଉନ୍। ଏହା ଏକ ଫାଇନ୍ ସିଲ୍କ ଗାଉନ୍, ଯାହା ଉପରେ ୧୫୦ କ୍ୟାରେଟ୍‌ର ହୀରା ଖଚିତ ହୋଇଛି। ୨୦୦୬ରେ କାଲିଫର୍ନିଆସ୍ଥ ମାରିନା ଡେଲ ରେ'ର ରିଜ କାର୍ଲଟନ୍ ହୋଟେଲରେ ପ୍ରଦର୍ଶିତ ହୋଇଥିଲା ଏହି ଗାଉନ୍। ଗିନିଜ ୱାର୍ଲଡ ରେକର୍ଡସ୍‌ରେ ଏହା ଦାମୀ ୱେଡିଂ ଡ୍ରେସ୍‌ର ମାନ୍ୟତା ପାଇଛି।



**ରେଡ୍ ଡାଇମଣ୍ଡ ଅବାୟା:** କଳାରଙ୍ଗର ଏହି ଢିଲା ଗାଉନ୍। ଦେଖିବାକୁ ସାଧାରଣ ଲାଗିପାରେ। ହେଲେ ଦାମ ଜାଣିଲେ ତାଟକା ହୋଇଯିବେ। ୧୭.୭ ମିଲିୟନ ଡଲାର ହେଉଛି ଏହାର ମୂଲ୍ୟ। ୨୦୧୩, ଦୁବାଇରେ ପ୍ରଥମେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଫ୍ୟାଶନ ଡିଜାଇନର୍ ଡେବି ୱିଂହାମ୍ ଏହାକୁ ଡିଜାଇନ୍ କରିଥିଲେ। ଏଥିରେ ୫୦ଟି ଦୁଇ କ୍ୟାରେଟ୍ ବ୍ଲାକ ଡାଇମଣ୍ଡ, ୫୦ଟି ଦୁଇ କ୍ୟାରେଟ୍‌ର ହ୍ୱାଇଟ୍ ଡାଇମଣ୍ଡ, ୧୮୯୯ କଳା ଓ ଧଳା ପଏଣ୍ଟର୍ ଡାଇମଣ୍ଡ, ୧୦୦୦ ପଏଣ୍ଟର ରୁବି ୩୦୦୦ ବହୁମୂଲ୍ୟ ଷ୍ଟୋନ୍, ୨୦୦୦ ରତ୍ନ ସହ ଏଥିରେ ସୁନା ଏମ୍ବ୍ରୋଏଡାରୀ କରାଯାଇଛି। ଗାଉନ୍‌କୁ ୧୪ କ୍ୟାରେଟ୍ ସୁନାର ସୂତାରେ ସିଲେଇ କରାଯାଇଛି।



**ଲମ୍ୱା ଓଢ଼ଣା ଥିବା ହୀରା ଖଚିତ ଧଳା ଗାଉନ୍:** ୨୦୨୦ ମସିହା, ପ୍ୟାରିସ ହାଉଟେ କୁଟର୍ ଉଇକ୍‌ରେ ଇଜିପ୍ଟର ଡିଜାଇନର୍ ହ୍ୟାନି ଏଲ ବିହେୟରିଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ଏକ ସୁନ୍ଦର ଧଳାରଙ୍ଗର ଗାଉନ୍, ଯେଉଁଥିରେ ୧୨୦ କ୍ୟାରେଟ୍‌ର ହୀରା ଖଚିତ ହୋଇଛି। ଏହାର ଏମ୍ବ୍ରୋଏଡୋରି କାର୍ଯ୍ୟ ଖୁବ୍ ଉଚ୍ଚକୋଟୀର। ଖାସ୍‌କରି ଏମ୍ବ୍ରୋଏଡୋରି ହୋଇଥିବା ଏହାର ଲମ୍ୱା ଓ ସୁନ୍ଦର ଭେଲ୍ ବା ଓଢ଼ଣାଟି ବେଶ୍ ଆକର୍ଷକ। ଏହି ଗାଉନ୍‌କୁ ତିଆରି କରିବା ଲାଗି ୮୦୦ ଘଣ୍ଟା ସମୟ ଲାଗିଥିଲା। ଏହାର ମୂଲ୍ୟ ରହିଛି ୧୫.୫ମିଲିୟନ ଡଲାର।



**ହୀରା, ମୋତିର ଗାଉନ:** ଜାପାନ ଫ୍ୟାଶନ ଜଗତର ରାଣୀ ୟୁମୀ କାସୁରା ୨୦୦୬ରେ ପ୍ରଦର୍ଶିତ କରିଥିଲେ କ୍ରିମ କଲର୍‌ର ଏକ ସୁନ୍ଦର ଗାଉନ୍। ଯେଉଁଥିରେ ୧୦୦୦ ପର୍ଲ, ମେଟାଲିକ ଏମ୍ବ୍ରୋଏଡୋରି, ଦୁଇଟି ବିରଳ ହୀରା ଓ ଗୋଟିଏ ୫ କ୍ୟାରେଟ୍‌ର ଧଳା ହୀରା, ୮.୮ କ୍ୟାରେଟ୍‌ର ଗ୍ରୀନ୍ ହୀରା ବ୍ୟବହାର କରାଯାଇଛି। ଏହା ଇଷ୍ଟର୍ନ ଷ୍ଟାଇଲ ଓ ୱେଷ୍ଟର୍ନ ଲକ୍ଜ୍ୟୁରିର ଏକ ସୁନ୍ଦର ମିଶ୍ରଣ। ଏହାର ମୂଲ୍ୟ ୮.୫ ମିଲିୟନ ଡଲାର।



# ଗୀତ ନିଶାରେ ଅର୍ଦ୍ଧେନ୍ଦୁ



‘‘ଅକ୍ଷୟ ମହାନ୍ତି ମୋ ଗୀତ ଶୁଣି କହିଲେ, ଘରକୁ ୫୦ଟି ଗୀତ ଧରି ଆସିଥିବୁ। ପରେ ମୁଁ ଗଲି। ମୋ ଗୀତ ସବୁ ପଢି ଭାରି ଖୁସି ହେଲେ। ଆକାଶବାଣୀରେ ତାଙ୍କରି ପାଇଁ ମୁଁ ଗୀତିକାର ଭାବେ ସ୍ୱୀକୃତି ପାଇଲି ।’’

ଏକାଧାରରେ ସେ ଜଣେ ଗାଳ୍ପିକ, ନାଟ୍ୟକାର, ସଂଳାପ ଲେଖକ ଓ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକବି। ମାତ୍ର ପେସାରେ ପର୍ଯ୍ୟଟନ ବିଭାଗର କର୍ମଚାରୀ। ତାଙ୍କ ସୃଜନଶୀଳତା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ **ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**। ମାତା ବସନ୍ତମଞ୍ଜରୀ ମହାନ୍ତି ଓ ପିତା ରାଜା ରାମଚନ୍ଦ୍ର ମହାନ୍ତି। ଘର ଜଗତସିଂହପୁର ଜିଲାର ତିର୍ତ୍ତୋଲ ଅନ୍ତର୍ଗତ ଝଙ୍କଡ଼ରେ। ସେ କୁହନ୍ତି, ‘ମୋର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା ତିର୍ତ୍ତୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ପରେ ମଣିଚରଣ ଶାରଳା ଏକାଡେମୀରୁ ମାଟ୍ରିକ ପାସକରି ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଆଇ.ଏସ୍‌ସି. ଓ ଷ୍ଟିୱାର୍ଟ ସାଇନ୍ସ କଲେଜରୁ ବି.ଏସ୍‌ସି. ପାସ କରିଥିଲି। ଏହାପରେ ଦି ଲ’ କଲେଜ, କଟକରୁ ଆଇନ ପାଠ୍ୟକ୍ରମ ଶେଷ କରିଥିଲି। ଡିପ୍ଲୋମା ଇନ ଟୁରିଜମ ଆଣ୍ଡ ହୋଟେଲ ମ୍ୟାନେଜମେଣ୍ଟ ପରେ ପର୍ଯ୍ୟଟନ ବିଭାଗରେ ଚାକିରି ପାଇଲି। ତିର୍ତ୍ତୋଲର ପାଣି ପବନ ଖରା ଛାଇ ସବୁଜ ବନାନୀ ତୋଟାମାଳକୁ ନେଇ ମୋର ଆଦ୍ୟ ସାହିତ୍ୟର ଭିତ୍ତି ସ୍ଥାପନ ହୋଇଥିଲା। ପିଲାଦିନୁ ରେଡିଓରୁ ଗୀତ ଶୁଣି ଶୁଣି ମନରେ ଗୀତ ଲେଖିବାକୁ ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ମୋ ଜାଣତରେ ହେଉ ଅବା ଅଜାଣତରେ ଲେଖାଲେଖି କରିବା କେତେବେଳେ ନିଶାରେ ପରିଣତ ହୋଇଯାଇଥିଲା ସେକଥା ଜାଣି ପାରି ନ ଥିଲି। ଗୀତ ଓ କବିତା ଥିଲା ମୋର ପ୍ରଥମ ଆକର୍ଷଣ। ବିଦ୍ୟାଳୟରେ ପଢ଼ିବା ବେଳରୁ ବିଲୁଆ ନନା, ମୂଷା ମଉସା, ନିଆଁ ଖୁଣ୍ଟା ଇତ୍ୟାଦି ଶିଶୁ ପତ୍ରିକାକୁ କବିତା, ଗପ, ପଠାଉଥିଲି। ହାତଲେଖା ଗୁଡ଼ିକ ମୁଦ୍ରିତ ଅକ୍ଷରରେ ପ୍ରକାଶିତ ହେବାର ଆନନ୍ଦ ମତେ ଭିତରୁ ଖୁବ ଉତ୍ସାହିତ କରୁଥିଲା। ବାପା, ବୋଉ ଓ ବଡ଼ ଭଉଣୀ ଲେଖିକା ସୁଶ୍ରୀ ବିଜୟା ମହାନ୍ତି, ଶିକ୍ଷୟତ୍ରୀ ସୁଶ୍ରୀ ବିଷୟା ମହାନ୍ତି ମୋତେ ସବୁବେଳେ ଗୀତ ଲେଖିବାକୁ ପ୍ରେରଣା ଦେଉଥିଲେ। ସମୟକ୍ରମେ ମୋର ଗୀତଗୁଡିକ ଲୋକାଦୃତ ହେବାରୁ ମୋତେ ଯାତ୍ରା, ଡ୍ରାମା, ଗୀତିନାଟ୍ୟ ଓ ବହୁ ଲୋକନୃତ୍ୟ ପାଇଁ ଗୀତ ଲେଖିବାକୁ ବହୁ ମଞ୍ଚର ପ୍ରଯୋଜକମାନେ ସୁଯୋଗ ଦେଉଥିଲେ। ସେହି ସମୟରେ ମୁଁ ଷ୍ଟିୱାର୍ଟ କଲେଜରେ ନାଟ୍ୟ ସମ୍ପାଦକ ଥିଲି। ତେବେ କଟକ ପାନ୍ଥ ନିବାସରେ ମୁଁ ଯେତେବେଳେ ଚାକିରି କରୁଥିଲି ଅକ୍ଷୟ ମହାନ୍ତି ସେଠାକୁ ପ୍ରାୟତଃ ଆସୁଥିଲେ। ଆଉ ସେଠି ମତେ ସେ ଅନେକ ଥର ଦେଖିଥିଲେ। ଥରେ ତିର୍ତ୍ତୋଲ କଲେଜର ଫଙ୍କସନ୍‌କୁ ଅକ୍ଷୟ ମହାନ୍ତି ଗେଷ୍ଟ ଭାବେ ଆସିଥାନ୍ତି। ମୁଁ ତାଙ୍କୁ ଦେଖିବାକୁ ଯାଇଥାଏ। ମତେ ଦେଖି କହିଲେ– ତମେ ଏଠି ? ମୁଁ କହିଲି ଆପଣଙ୍କୁ ଦେଖିବାକୁ ଆସିଛି। ସେ ପଚାରିଲେ ତୁମେ ଚାକିରି କରିବା ବାଦ ଆଉ କ’ଣ କର ? ମୁଁ କହିଲି ଗୀତ ଲେଖେ। ଖୁସି ହେଇ ସେ ମତେ କହିଲେ କିଛି ଶୁଣାଇଲ। ମୁଁ କହିଲି ନୂଆ ନୂଆ ଲେଖୁଛି। ଭଲ ଲାଗିବ କି ନାଇଁ। ତଥାପି ଶୁଣାଇଲି– ‘କଳାକାର ମତେ କିଏ ସଜାଇଲା, ସଭିଏ ଭଲ ପାଇଲେ, ଧରିବାକୁ ଯାକୁ ହାତ ବଢାଇଲି, ସବୁ ଛାଡି ଉଡ଼ିଗଲେ...’। ଅକ୍ଷୟ ମହାନ୍ତି ବହୁତ ଖୁସି ହୋଇଗଲେ। କହିଲେ ଘରକୁ ଆସ, ୫୦ଟି ଗୀତ ଧରି ଆସିଥିବୁ। ପରେ ମୁଁ ଗଲି। ମୋ ଗୀତ ସବୁ ପଢି ଭାରି ଖୁସି ହେଲେ। ଆକାଶବାଣୀରେ ମତେ ଗୀତିକାର ଭାବେ ସ୍ୱୀକୃତି ପ୍ରଦାନ କରାଇଲେ। ଏହାପରେ ଖୋକା ଭାଇଙ୍କ ସହ ମୋର ଯୋଡ଼ି ଆରମ୍ଭ ହେଲା। ଯାତ୍ରା ପାଇଁ ଗୀତ ସହ ଦୂରଦର୍ଶନ, ଫିଲ୍ମ ସବୁଥିରେ ଆମ ଯୋଡ଼ି ହିଟ୍ ହେଲା। ସେମିତି ନାଟ୍ୟକାର କାର୍ତ୍ତିକଚନ୍ଦ୍ର ରଥଙ୍କ ସହ ବି କାମ କରିବାର ସୁଯୋଗ ପାଇଲି। ରେଡ଼ିଓରେ ମୋର ପ୍ରଥମ ଗୀତ ‘ମୁଁ ଜାଣିଥିଲି ଶାମୁକା ପାଇବି ମୁକ୍ତା ପାଇବି ନାହିଁ’ ଏବଂ ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଓଡ଼ିଆ ଧାରାବାହିକ ଗୋପାଳ ରହସ୍ୟରେ ମୋର ପ୍ରଥମ ଲେଖା ‘ଚଟ୍‌ପଟ୍ ଚଟ୍‌ପଟ୍ ବଡ଼ ନଟଖଟିଆରେ ଗୋପାଳିଆ’ ଯାହା ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନା ନିର୍ଦ୍ଦେଶିତ ଗୀତ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ଏହାସହ ପ୍ରଚ୍ଛଦ ଗୀତିକାର ଭାବେ ‘ନଇ ସେପାରୀ କନକଗୋରୀ’, ‘ତୋବିନୁ ଅନ୍ୟଗତି ନାହିଁ’, ‘ଭାଇଭଗାରୀ’ ଆଦି ଚଳଚ୍ଚିତ୍ର ଓ ଟେଲିଫିଲ୍ମ ଭିତରେ ‘ଫର୍ଚ୍ଚା’, ‘ରଜ କାଗଜ ଫୁଲର ବାସ’,‘ତଥାପି ଅନ୍ଧାର’ ଆଦି ଏବଂ ଶିଶୁ ଚଳଚ୍ଚିତ୍ରରେ ‘ମନ୍ଦିର ମାଳିନୀ ଓଡ଼ିଶା’ ଆଦି ଅନ୍ୟତମ। ପ୍ରଚ୍ଛଦ ଗୀତିକାରଭାବେ ଆଲବମ– ଜୟ ଶ୍ରୀ ହନୁମାନ, ଏ ମଣୀ ଚାଲିଯିବା ଘଟ ତାରିଣୀ, ତୁମକୁ ପାରୁନି ଭୁଲି, ଲଙ୍କେଶ, ହାତୀଶୁଣ୍ଡ, ମା ସରସ୍ୱତୀ ଚାଳିଶା, କଳାମାଣିକ, ଜୁବିଜୁବି, କଣ ଭଲ ଲାଗୁଛି, ଡ଼ାକବାଲା, ପ୍ରଥମ ପ୍ରେମର ପ୍ରଥମ ସ୍ମୃତି, ନଇବଢ଼ି,ମୋହନ ବଂଶୀ, ଦିବ୍ୟ ଜୀବନ, କ୍ଷେତ୍ର ମୋହନ, ଘଟଗାଁ ମଣି, ମନମୋହିନିଏ, ମା ଠାକୁରାଣୀ ମାତାରିଣୀ, ମା’ କାଳିଜାଇ, ମା ରାମଚଣ୍ଡି ଆଦି ରହିଛି।’







ସେ ଲେଖିଥିବା ପୁସ୍ତକ ମଧ୍ୟରେ ରହିଛି ‘ଅଚିହ୍ନା କୃଷ୍ଣ’, ‘ଅରୁଆ ଚିତା’ ଇତ୍ୟାଦି। ତାଙ୍କ ଲେଖାସବୁ ଆକାଶବାଣୀ, ଦୂରଦର୍ଶନ ଓ କେତେକ ଘରୋଇ ଟିଭି ଚ୍ୟାନେଲ ଓ ୟୁ ଟ୍ୟୁବରେ ପ୍ରସାରିତ ହୋଇଛି। ସେହିପରି ମଲିଫୁଲ ମହକିଲା, ଭଲା ମୁଁ ପାଠୁଆକୁ ତୁମେ ମୁରୁଖ, ବର ପତରକୁ ଓସ୍ତପତର, କଅଁଳ କହି ରାଧା, ଜଳ ଭଉଁରୀର ଲୁହ, ମହାପୂର୍ଣ୍ୟ ଆଦି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଦେଶାତ୍ମବୋଧକ ଦେଶ ବନ୍ଦନା ଦୂରଦର୍ଶନ ଓ ଆକାଶବାଣୀ ଦ୍ୱାରା ପ୍ରସାରିତ। ଶ୍ରେଷ୍ଠ ଗୀତିକାର ଭାବରେ ତାଙ୍କୁ ଗଣକବି ବୈଷ୍ଣବ ପାଣି ସମ୍ମାନ, କୁମାର ଉତ୍ସବ ସମ୍ମାନ, ବୁ ବାର୍ଡସମ୍ମାନ, ବାରବାଟୀ ସମ୍ମାନ, କାୟାକଳ୍ପ ସମ୍ମାନ, ଓଡ଼ିଶା ପ୍ରତିଭା ପୂଜା ସମ୍ମାନ, ଶ୍ରୀ ନାରଦ ସମ୍ମାନ, ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ, ଶ୍ରୀଜଗନ୍ନାଥ ସମ୍ମାନ, ଓଡ଼ିଆ ଗୀତିକବି ସମ୍ମାନ ଇତ୍ୟାଦି ମିଳିଛି।

– ବନବିହାରୀ







# ଶାନ୍ତି

– ଲୋପାମୁଦ୍ରା ପରିଡା

**ଅ**ଫିସ୍‌ରୁ ଫେରିବା ବାଟରେ ହଜାର ଚିନ୍ତା । ଚୁଡ଼ା ଠୁ ଚିନି... ଶାଗ ଠୁ ପରିବା । ମୁଣ୍ଡ ଯାକ ଚିଠାର ଅଠା । ପହଞ୍ଚ ନ ପହଞ୍ଚ ହେଇଥିବ ତମେ, ବାପା ମୋ ପେନ୍‌ସିଲ, ବାପା ମୋ ପ୍ରୋଜେକ୍ଟ ପେପର... ହଟଚମଟ ।
ଆଜି ବି ସେଇ ଏକା କଥା ।
ଫେରିଲି । ପୁଣି ବଜାରକୁ ବାହାରିଲି । ଦି ଚକିଆ ହେଲେ ଯାହା ତମେ ସାପ ଭଳିଆ ଗଳିମଳି ଦେଇକି କାଟିକୁଟି ବାହାରିଆସିବ, ଚାରିଚକିଆ ନେଲେ.... ହେଇ ଅନାନି ! ଇଞ୍ଚକ କେତେ ସେଣ୍ଟିମିଟର ଦୁଇଶ ଥର ଗାରେଇ ସାରିବୁଣି ପଛେ ଚକା ତୋର ଧାପେ ହଲି ନ ଥବ । ଗାଡ଼ି ଗୋଟେ ଛକରେ ବୁଲଉଛି ହଠାତ୍ ଆଖି ପଡ଼ିଲା ଆଗରେ ଯାଉଥିବା ହଳେ ପୁଅଝିଅଙ୍କ ଉପରେ । ବଣି ରଙ୍ଗଶାର୍ଟ ପିନ୍ଧିଥିବା ସେ ପିଲାର ଚାଲି, ଢଙ୍ଗ, ଅଙ୍ଗଭଙ୍ଗୀ ମତେ କାଇଁ ଭାରି ଅବାଗ ଲାଗିଲା ପଛପଟୁ ହିଁ । ଝିଅଟିର ଅଣ୍ଟାସରିକି ଲମ୍ବ ଛାଟ ପଡିଥାଏ । ଏ ପୁଅ ତାକୁ ମୁଠେଇ ଧରିଲାପରି ମତେ ବୋଧ ହେଉଥାଏ । ଆଉ ଦି ଚକ ଆଗକୁ କି ମୁଁ ଯାଇପାରିଲି, ଭାରି ଛକପକ ଲାଗିଲା । ତାଙ୍କ ଆଗପଟକୁ ବୁଲିଆସି ଦେଖେ ଝିଅଟିର ବେକ ଉପରମୁହାଁ ଭାଙ୍ଗି ରଖିଛି, ଆଉ ମୁହଁ ପୂରା ଥମଥମ । ସୁନ୍ଦରିଆ ମୁହଁଟି ଢଳଢଳ ଲୁହରେ ଫିଟିବ ଫିଟିବ ହେଉଛି । ସିଏ ଶଙ୍କର ବିଷ ପିଉଛି । ପିଲାଟା ତାକୁ ଖେଙ୍କାରି ଘୋଷାରି ଏତେ ଜନଗହଳି ରାସ୍ତାଟାରେ ଟାଣିନଉଛି । ପିଶାଚ ଅବତାର ପରି ଦିଶୁଛି । ଝିଅଟିର ମୁହଁ କହୁଛି ହେ ନାରାୟଣ ମତେ ରକ୍ଷା କର । ମୁକୁଳେଇ ନିଅ ପ୍ରଭୁ ।

ମୋ ଭିତରଟା କ'ଣଟେ ଯେମିତି ଝୁର୍ଝୁରି ଦଉଡ଼େଇ ନେଲା । ପିତ୍ତ ତାଳୁକୁ ଉଠିଗଲା । ମୁଁ ଥରିଗଲି ରାଗ, ଅପମାନରେ । ମୋ ଭିତରର ପୁରୁଷ ଓ ସମ୍ପର୍କମାନେ ଧିକ୍କାରିଲେ । ''ଛେଃ, କାହିଁକି ତୋ ପାଦରେ ଶିକୁଳିରେ ? ଏବେ କ'ଣ ହେଲା ତୋ ଶାଣଦିଆ ଆଦର୍ଶର ?'' ପଚାରିଲେ ।
ଭାବିଲି ଯଦି ମୋ ଝିଅ ହେଇଥାନ୍ତା, ମୋ ଭଉଣୀ ହୋଇଥାନ୍ତା ହାଣି ଦେଇଥାନ୍ତି ଖଣ୍ଡିଆ କଟୁରିରେ । ପୁଣି ନିଜକୁ ବୁଝେଇଦେଲି କ୍ଷଣକରେ, ''ହଁ ମ, ମୁଁ କ'ଣ ଠିକା ନେଇଛି ନା କ'ଣ ! ସମାଜ ସୁଧାରକ ହବାରେ ମୋର କି ଲାଭ ! ନାକରେ କାଠି ପୂରେଇ ଝିଙ୍କି ହେଲେ କ'ଣ ଶର୍ଦ୍ଧି ବୋଲି କିଏ ମାନିନବ ? ଯା' ହଉଛି ହଉ ।''

ଟିକିଏ ଆଖିବୁଜିଦେଲେ ଗଲା । ତେଣିକି କ୍ଷୀର ଯିଏ ପିଉଚି ପିଉ । ନିନ୍ଦା ହୃଦୟ । ସେଦିନ ଗଲା ।
ଆଉଦିନେ ସେମିତି ଅଫିସ ଫେରନ୍ତା ବାଟରେ ବଡ଼ ଗହଳି ଚେକାଟେ ଦାଣ୍ଡ ଅଟକ କରେଇଛି । ସାଙ୍ଗରେ ମୋ ଝିଅ ଅଛି । ଟିଉସନ ସାରି ବାଟରେ ମୋ ସହ ଘରମୁହାଁ ହେଇଛି । ଭିଡ଼ କାଟିକି ଆଗକୁ ଯିବାକୁ ବି ଉପାୟ ନାହିଁ । ଗାଡିଟିମାନ ପଛକୁ ପଛ ପଁ ପାଁ ପଁ ପାଁ ଅଧୈର୍ଯ୍ୟ ଧ୍ୱନି ତୋଳୁଛନ୍ତି । ଚକ ଅଚଳ । ମୁଁ ବାଧ୍ୟ ହୋଇ ଓହ୍ଲେଇ ଆସି ଚକ୍ରବ୍ୟୂହ କାଟିଲା ପରି ଧସେଇ ପଶିଲି ଘଟଣା କ'ଣ ଦେଖିବାକୁ । ଦେଖଣାହାରିଏ ତର୍ଜମା ସହ ଖବର ତିଆରି କରିଥାନ୍ତି । ଆହା, ଏହେ, ଓହୋ ଆଦି ସହ ପୁଙ୍ଖାନୁପୁଙ୍ଖ ଅନୁମାନ ଜୋର୍ ଧରିଥାଏ । ଫୁସ୍‌ଫାସ୍‌ରୁ ହୋ ହଲ୍ଲା ଯାଏ ବଢୁଥାଏ ତେଜ । ମେଣ୍ଢା ପରି ଠେଲି ହେଇକି ଦେଖିଲି , ସେଦିନର ସେଇ ହଳକ ଏଠି । ଟଣାଓଟରା ଚଲେଇଛନ୍ତି । ଆଜି ଝିଅଟି ଚୁପ ନାହିଁ । ଲଢୁଛି ପ୍ରାଣପଣେ । ଦେଲା ଭିଡ଼ିକି କାନମୂଳେଇକି । ଧାରଧାର ବହିଆସିଲା ଶିର ଫାଟିକି ରକ୍ତ ପିଲାଟାର । ଚିଲେଇକି କହିଲା, ''ମତେ ନିଜକୁ ନିଜେ ସୁରକ୍ଷା ଦେଇ ଆସେ ବୁଝିଲୁ । କାହାରି ସାହାରା ଖୋଜିବିନି ଆଉ ।'' ବହଟେ ନାଦି ସାରି ଲୋକବଳୟକୁ ଚାହିଁ ହାତ ଯୋଡିଲା ଆଉ କହିଲା, ''ମତେ ଏତିକି ଟାଣ କରେଇ ଦେଇଥିବା ଆପଣ ସମସ୍ତଙ୍କୁ ଧନ୍ୟବାଦ ।'' ଆଉ ବିଜୁଳି ବେଗରେ ଅଦୃଶ୍ୟ ହୋଇଗଲା । ପିଲାଟା ଅର୍ଦ୍ଧଚେତନ ଅବସ୍ଥାରେ ମାଟି କାମୁଡି ପଡିରହିଥିଲା । ଏତେ ଭିଡ଼ ଭିତରୁ ମୋ ଝିଅ ବୟସର ପୁଅଟିଏ ତାଳିମାରି ସିଟି ବଜେଇଦେଲା ।
ମୋ ଭିତରଟା ଖୁସିରେ କୁରୁଳିଗଲା । ହାଲୁକା ଲାଗିଲା । ଭାରି ହାଲୁକା । ଯାହା ଚାହିଁଥିଲି ଆଜି ଦେଖିଲି । ଝିଅଟି ଦୁର୍ଗା ପାଲଟିଛି । ତେବେ ମୋର ଆଉ ମୋ ପରି ଏଇ ବାରମ୍ବାର ଖୋଷା ଭିତରେ ନିର୍ଭୟ ଆଶ୍ରିତ ଗେଣ୍ଡା ଖୋଳିଆ ମଣିଷମାନେ କେବେ କେବଳ ମଣିଷ ପାଲଟିବେ ଅପେକ୍ଷା ରହିଲା । ଚୁପ୍‌କିନା ଲୁଚି ମଜା ଦେଖିବା ଅଭ୍ୟାସଟି ଆମକୁ ପ୍ରତିଥର ମଣିଷ ହେବାକୁ ରୋକୁଥାଏ ।

ମଣିଷ ଜାତିର ମନ ପାଶୋରିଯିବାରେ ଗୁଣ୍ଡୁଚିକୁ ବି ବଳିଯାଏ । ଅବଚେତନ କିନ୍ତୁ ସହଜେ ଭୁଲେନି ।

*–ପାନାଥୁର, ବେଙ୍ଗାଲୁରୁ*
*ମୋ: ୯୭୩୧୦୫୭୦୧୪*

# ଶୀତ ସକାଳ

-ଦେବଦୀପ୍ତା ମିଶ୍ର


**ଶୀ**ତୁଆ ଶୀତୁଆ ଥଣ୍ଡା ସକାଳ
ଅନ୍ଧାର ଘୋଡ଼େଇ ପୋଡ଼େଇ
ଆଲାର୍ମରେ ଗୀତ ଗାଏ ।

ଆଖି ଖୋଲୁ ନ ଖୋଲୁଣୁ ଅନ୍ୟମନସ୍କ ମନ ।
ମନକୁ ବୋଧେ ଶୀତ ହୁଏନି
ଘଣ୍ଟାର କଣ୍ଟା ପରି ଧାଉଁଥାଏ
ଖାଲି ଧାଉଁଥାଏ ।

ରେଜେଇ ଭିତରେ
ଦୁଇ ଖାଲି ପାଦ
ସକାଳର ଆମନ୍ତ୍ରଣକୁ ଅସ୍ୱୀକାର କଲାବେଳେ...
ବାସି ରାତିର ବଳକା ତନ୍ଦ୍ରା
ଆଖି ଭିତରେ ଲୁଚିଯାଇ ପଲକର ପର୍ଦ୍ଦା ପକାଏ ।
ଅର୍ଦ୍ଧ ଚେତନାର ସୁଭଦ୍ରା ଗର୍ଭରେ
ସୃଜନର ଅଭିମନ୍ୟୁ ...
ଅଧା ଅଧୁରା ଚକ୍ରବ୍ୟୂହ ଶିଖୁଥାଏ ।

ବିଞ୍ଚି ଦିଅନ୍ତା କି କିଏ ମୁଠା ମୁଠା
ସୁନେଲି ଚିକ୍ ମିକ୍ ଖରା
କୁହୁଡ଼ିର ଚାଦର ଫୋପାଡ଼ି
ପ୍ରକୃତି ତା'ର କୁମ୍ଭାଟୁଆ କଣ୍ଠରେ ...
ସମ୍ଭାବନାର ମଙ୍ଗଳ ଚରଣ ବୋଲନ୍ତା !

*–ଥାଣେ, ମହାରାଷ୍ଟ୍ର, ମୋ: ୯୯୩୦୮୩୦୦୮୧*



# ଟ୍ରିପଲ୍ ଖୁସି



ମୃଣାଳ

ସତରେ ଯାକୁ ହିଁ କହିବ ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, ଗୋଟିଏ ଅଫର ପାଇଁ କଥାବାର୍ତ୍ତା ଚାଲିଥିଲା। ହେଲେ ସେ କ'ଣ ଜାଣିଥିଲେ, ଯଦି ଏଥିରେ ରାଜି ହୁଅନ୍ତି ତେବେ ସେହି ପ୍ରଯୋଜନା ସଂସ୍ଥା ତାହାର ଆଗାମୀ ଆଉ ଦୁଇଟି ସିନେମା ପାଇଁ ମଧ୍ୟ ତାଙ୍କୁ ସାଇନ୍ କରିବାକୁ ଯାଉଛନ୍ତି। ହଁ, ଏଭଳି ଘଟଣା ଘଟିଛି ମୃଣାଳ ଠାକୁରଙ୍କ ଅଭିନୟ କ୍ୟାରିୟରରେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିକଟରେ ତାଙ୍କୁ ଏକ ଅନଟାଇଟଲଡ୍ ଫିଲ୍ମରେ ସାଇନ୍ କରିବାକୁ ଯୋଗାଯୋଗ କରିଥିଲେ। ଏ ନେଇ ଯେତେବେଳେ କଥାବାର୍ତ୍ତା ଆରମ୍ଭ ହେଲା ସେତେବେଳେ ପ୍ରଯୋଜକ ମହାଶୟ କହିଲେ, ଆପଣଙ୍କ ପାଇଁ ଆହୁରି ଖୁସିର ଖବର ରହିଛି। ଯଦି ଆପଣ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ରାଜି ହୁଅନ୍ତି ତେବେ ଆଗାମୀ ଆଉ ଦୁଇଟି ସିନେମାର ବି ନାୟିକା ଚରିତ୍ରରେ ଅଭିନୟ କରିବେ। ଏ ବିଷୟରେ ମୃଣାଳ କହନ୍ତି, ''ଏହି ନୂଆ ପ୍ରଯୋଜନା ସଂସ୍ଥାର ପ୍ରଥମ ସିନେମାରେ ଅଭିନୟ କରିବାକୁ ମୁଁ ଯେମିତି ରାଜି ହେଲି, ସେମିତି ସେମାନେ ମୋତେ ଆଉ ଦୁଇଟି ଫିଲ୍ମରେ ସାଇନ୍ କରାଇବାକୁ ପ୍ରପୋଜାଲ୍ ଦେଲେ। ଭାବୁଛି, ଏଭଳି ସୁବର୍ଣ୍ଣ ସୁଯୋଗକୁ କଦାପି ହାତଛଡା କରିବି ନାହିଁ।'' ଏହି ଫିଲ୍ମଗୁଡିକର ପ୍ରାରମ୍ଭିକ କାମ ଚାଲୁ ରହିଛି। ଛୋଟ ପରଦାରୁ ମୃଣାଳଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୪ରେ 'ହାଲୋ ନନ୍ଦନ' ନାମକ ଏକ ମରାଠୀ ଫିଲ୍ମରୁ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ସେ ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମା ଥିଲା 'ଘୋଷ୍ଟ ଷ୍ଟୋରିଜ'।

# ଅନୁତାପ କରୁଛନ୍ତି ଅଜୟ




ଅଜୟ

ଜଣେ ଶିଶୁ କଳାକାର ଭାବରେ ଅଜୟ ଦେବଗନଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ଏହି ଫିଲ୍ମଟିର ଶୀର୍ଷକ ଥିଲା 'ପ୍ୟାରୀ ବେହନା'(୧୯୮୫)। କିନ୍ତୁ ନାୟକ ଭାବରେ ତାଙ୍କୁ ବ୍ରେକ୍ ମିଳିଥିଲା 'ଫୁଲ୍ ଔର କାଣ୍ଟେ'ଫିଲ୍ମରେ। ଫିଲ୍ମଟି ବକ୍ସ ଅଫିସରେ ଆଶାତୀତ ବିଜେନସ୍ କରିଥିଲା। ଆଉ ସେ ରାତାରାତି ନିଜକୁ ନାୟକ ଦୌଡରେ ସାମିଲ କରିବାରେ ସକ୍ଷମ ହୋଇଯାଇଥିଲେ। କିନ୍ତୁ ପରେ ଦୁର୍ଭାଗ୍ୟବଶତଃ ସେ କେତୋଟି ଭଲ ଅଫରକୁ ହାତଛଡା କରିଥିଲେ, ଯାହାକି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ତନ୍ମଧ୍ୟରୁ ଗୋଟିଏ ଥିଲା 'କରନ୍ ଅର୍ଜୁନ'। ରାକେଶ ରୋଶନଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର 'କରନ୍' ଭୂମିକା ପାଇଁ ପ୍ରଥମେ ତାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ତା'ପରେ ଏହି ରୋଲ୍ ପାଇଁ ଶାହରୁଖ ଖାନ୍‌ଙ୍କୁ ସାଇନ୍ କରାଗଲା, ଆଉ ଶାହାରୁଖଙ୍କ ଆକ୍ଟିଂ ଲାଇଫରେ ଏହା ଅନ୍ୟତମ ଦର୍ଶକାଦୃତ ସିନେମା ଭାବରେ ପରିଗଣିତ ହେଲା। କେବଳ ସେତିକି ନୁହେଁ, 'ବାଜିରାଓ ମସ୍ତାନି' ଏବଂ 'ପଦ୍ମାବତ'ରେ ଅଭିନୟ କରିବାକୁ ମଧ୍ୟ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏହି ଅଫରଦ୍ୱୟକୁ ବି ହାତଛଡା କରିଥିଲେ। ଏବେ ସେକଥାକୁ ମନେ ପକାଇ ଅନୁତାପ କରୁଛନ୍ତି ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତା ଅଜୟ। ଚଳିତ ବର୍ଷ ତାଙ୍କ ଅଭିନୀତ 'ଧମାଲ୍ ୪' ରିଲିଜ ହେବାକୁ ଯାଉଛି। ପୋଷ୍ଟ ପ୍ରଡକ୍ସନ କାମ ଚାଲିଥିବା ଏହି ଫିଲ୍ମଟିର ରିଲିଜ ଡେଟ୍ ରହିଛି ଚଳିତ ବର୍ଷ ଜୁନ୍ ୧୨।

# ଦୃଢ଼ପଣା ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। 'ଔର ପ୍ୟାର୍ ହୋଗୟା' ଟାଇଟଲବିଶିଷ୍ଟ ଏହି ଫିଲ୍ମରେ ତାଙ୍କର ନାୟକ ସାଜିଥିଲେ ବବି ଦେଓଲ। ବଡ ପରଦାରେ କ୍ୟାରିୟର ଆରମ୍ଭ କରୁ କରୁ ଅସଫଳ ହୋଇଥିଲେ ବି ସେ ଭାଙ୍ଗି ପଡି ନ ଥିଲେ। କାରଣ ତାଙ୍କର ନିଜ ଅଭିନୟ ଦକ୍ଷତା ଉପରେ ଦୃଢ଼ ବିଶ୍ୱାସ ଥିଲା। ଆଉ ତାକୁ ପାଥେୟ କରି ସେ ଆଗକୁ ଆଗେଇଥିଲେ। ୧୯୯୪ରେ ସେ ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇଥିଲେ। କିନ୍ତୁ ଏହାପୂର୍ବରୁ ତାଙ୍କୁ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। ଯେତେବେଳେ ସେ ଷ୍ଟାଣ୍ଡାର୍ଡ-୯କରେ ପଢୁଥିଲେ ସେତେବେଳେ ସେ କ୍ୟାମଲିନ୍ ପେନ୍‌ସିଲ୍‌ର ବିଜ୍ଞାପନ ପାଇଁ କାମ କରିଥିଲେ। କର୍ଣ୍ଣାଟକର ମାଙ୍ଗାଲୁରୁରେ ଜନ୍ମିତା ଏହି ଅଭିନେତ୍ରୀଙ୍କର ମାତୃଭାଷା ହେଉଛି ତୁଲୁ। ଏହାବ୍ୟତୀତ ସେ ହିନ୍ଦୀ, ଇଂରାଜୀ, ତାମିଲ ଏବଂ ମରାଠୀ ଭଲ ଭାବରେ କହିପାରନ୍ତି। ୧୯୯୯ରେ ସଞ୍ଜୟ ଲୀଲା ଭଁସାଲିଙ୍କ 'ହମ୍ ଦିଲ୍ ଦେ ଚୁକେ ସନମ୍' ଐଶ୍ୱର୍ଯ୍ୟାଙ୍କ କ୍ୟାରିୟରରେ ନୂଆ ମୋଡ ଆଣିଥିଲା। ଫିଲ୍ମଟି ହିଟ୍ ହେବା ପରେ ବଲିଉଡ୍‌ରେ ତାଙ୍କ ଭାଗ୍ୟ ଖୋଲି ଯାଇଥିଲା। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଐଶ୍ୱର୍ଯ୍ୟା 'ଇରୁଭାର' ଟାଇଟଲବିଶିଷ୍ଟ ଏକ ତାମିଲ ଫିଲ୍ମରେ ଅଭିନୟ କରିଥିଲେ। ସଂଯୋଗବଶତଃ ୧୯୯୭ରେ ତାଙ୍କ ଅଭିନୀତ ପ୍ରଥମ ତାମିଲ ଏବଂ ହିନ୍ଦୀ ସିନେମାଦ୍ୱୟ ରିଲିଜ ହୋଇଥିଲା।



ଐଶ୍ୱର୍ଯ୍ୟା

# ଖୋଜିଲା ଚିଜ ମିଳିଗଲା



ସନାୟା

କପୁର ଖାନଦାନ୍‌ର ଅନ୍ୟତମ ଅଭିନେତ୍ରୀ ସନାୟା କପୁର। ଗତବର୍ଷ ତାଙ୍କ ଅଭିନୀତ ପ୍ରଥମ ସିନେମା 'ଆଖୋଁ କି ଗୁସ୍ତାଖିୟାଁ' ରିଲିଜ ହୋଇଥିଲା। କିନ୍ତୁ ପ୍ରଥମ ସିନେମାର ସଫଳତାକୁ ନେଇ ସେ ଯେଉଁ ଆଶା ରଖିଥିଲେ ତାହା ମିଳି ନ ଥିଲା। ନିକଟରେ ସେ ଅଭିନୟ କରିଥିବା ଆଉ ଏକ ସିନେମା 'ତୁ ୟା ମେଁ'ର ସମସ୍ତ କାର୍ଯ୍ୟ ଶେଷ ହୋଇଛି। କେବଳ ସେତିକି ନୁହେଁ, ଏହାର ପ୍ରଥମ ଟିଜର ରିଲିଜ ହୋଇ ଦର୍ଶକାଦୃତ ହୋଇଛି। ତେଣୁ ଫିଲ୍ମଟିର ସଫଳତାକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କଲେଣି ଏହି ଅଭିନେତ୍ରୀ। ଏ ବିଷୟରେ ସନାୟା କହନ୍ତି, ''ଏହି ଫିଲ୍ମର କାହାଣୀ ଏବଂ ସେଥିରେ ମୋ ଭୂମିକା ବେଶ୍ ଦମଦାର୍। ଏହାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଦୃଢ଼ ଆଶା ରହିଛି। ପ୍ରଥମ ସିନେମା ସିନା ଫ୍ଲପ୍ ହେଲା, ହେଲେ ଏହି ଫିଲ୍ମ ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ। ଏକଥା ମୁଁ ଜାଣିଛି ଯେ, ଅଭିନୟରେ ଆଗକୁ ଆଗେଇବା ଏତେ ସହଜ ନୁହେଁ। ତଥାପି ଦୃଢ଼ ମନୋବଳ ସହ ଆଗେଇବି। ଏଣିକି କୌଣସି ସିନେମା ସାଇନ୍ କରିବା ପୂର୍ବରୁ ତାହାକୁ ପ୍ରଥମେ ଭଲ ଭାବରେ ତର୍ଜମା କରିବି। ଏବେ ମୋର ଆକ୍ଟିଂ କ୍ୟାରିୟର ଆରମ୍ଭ ହେଉଛି। ତେଣୁ ତରବର ହେଲେ ସବୁକିଛି ଅଡୁଆ ହୋଇଯିବ। ଏଣୁତେଣୁ ଗୁଡାଏ ସିନେମାରେ ଅଭିନୟ କରିବା ମାନସିକତାରେ ମୁଁ ନାହିଁ। ଏଭଳି ସିନେମାରେ ଅଭିନୟ କରିବି, ଯାହା ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିବ।'' ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ବିଜୟ ନାମ୍ବିଆର। ଏଥିରେ ମୋନା ସିଂ, ଆଦର୍ଶ ଗୌରବ ଏବଂ ପରୁଲ ଗୁଲାଟି ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଡବଲ୍ ଦାୟିତ୍ୱ

ଅଭିନେତା ସମ୍ମିତ ଆଚାର୍ଯ୍ୟଙ୍କୁ ନେଇ ଏବେ ଚର୍ଚ୍ଚା। ଏହାପଛରେ ସେଭଳି କାରଣ ମଧ୍ୟ ରହିଛି। ତାହା କ'ଣ ଜାଣନ୍ତି ? ଏଥର ସେ ବଡ ପରଦାରେ ଦୁଇଟି ଗୁରୁ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଯେହେତୁ ସେ ଅଭିନୟ ସହ ଜଡିତ ତେଣୁ ଏହାକୁ ତ ପ୍ରାଥମିକତା ଦେବେ, ତା'ସହ ଏଥର ସେ ପରଦା ପଛର ନାୟକ ବି ସାଜିବେ। କଥା କ'ଣ କି ଦୀର୍ଘ ୧୫ ବର୍ଷର ଆକ୍ଟିଂ କ୍ୟାରିୟର ପରେ ଏବେ ସେ ଆଉ ଏକ କ୍ଷେତ୍ରରେ ପାଦ ଥାପିଛନ୍ତି। ତାହା ହେଲା ପ୍ରଯୋଜନା। 'ସମ୍ମିତ ଆଚାର୍ଯ୍ୟ ଫିଲ୍ମସ୍ ଏବଂ ସତ୍ୟନାରାୟଣ ପ୍ରଡକ୍ସନ୍‌ସ' ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ସିନେମା। ଏହାର ଟାଇଟଲ ରହିଛି 'କାଙ୍ଗୁଲା : ଦଣ୍ଡକାଳୀର ନାଚ'। ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ହେଉଛନ୍ତି ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ)। ସବୁଠାରୁ ଖାସ୍ କଥା ହେଲା ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡିର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ଆମ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଲୋକକଳା ହେଉଛି ଦଣ୍ଡନାଚ। ଏହାକୁ ଆଧାର କରି ଚିତ୍ରଟି ପ୍ରସ୍ତୁତ ହେବାକୁ ଯାଉଛି। ଏହାର ଶୁଟିଂ ବର୍ତ୍ତମାନ ଅନୁଗୋଳରେ ଚାଲୁ ରହିଛି। ଏଥିରେ ସୂର୍ଯ୍ୟମୟୀ, ଅଭିଷେକ ଗିରି, ପୁପିନ୍ଦର, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ୟୁ ଟ୍ୟୁବର ଚେଷ୍ଟ ପ୍ରମୁଖ ଅଭିନୟ କରୁଛନ୍ତି। ସମ୍ମିତଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ପ୍ରେମ ୱେଡସ୍ ପ୍ରିୟା'। ଏହାବ୍ୟତୀତ ସେ 'ଚଉକା ଛକା', 'ହାପି ଲକି', 'କଟକ ଦ ସିଲଭର୍ ସିଟି' ଏବଂ 'ଗଞ୍ଜା ଲଢ଼େଇ' ଆଦି ସିନେମାରେ ତାଙ୍କ ଅଭିନୟର ଦକ୍ଷତା ଦେଖିବାକୁ ମିଳିଛି।



ସମ୍ମିତ

# ସାରାଙ୍କ କମେଡ଼ି ନିଶା

ସାରା ଅଲ୍ଲୀ ଖାନ୍‌ଙ୍କ ଟେନ୍‌ସନ୍ ଏବେ ଟିକେ ବଢ଼ିଯାଇଛି। ବସିବା ଠାରୁ କାଶିବା ଭଲ। ଯେହେତୁ ଏବେ ତାଙ୍କୁ ଶୁଟିଂରୁ ଟିକେ ଅବ୍ୟାହତି ମିଳିଛି, ତେଣୁ ସେ ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। କଥା କ'ଣ କି ଏକ କମେଡି ଫିଲ୍ମରେ ଆକ୍ଟିଂ କରିବାକୁ ମନ ବଳାଇଛନ୍ତି ସାରା। ଏଥିଲାଗି ନିଜପଟରୁ ଏକ ଦମଦାର୍ କାହାଣୀ ସେ ଖୋଜୁଛନ୍ତି। ଏ ବିଷୟରେ ସାରା କହନ୍ତି, ''ନିକଟରେ ମୋର ଜଣେ ସାଙ୍ଗଙ୍କ ସହ ଭେଟ ହୋଇଥିଲା। କଥା ପ୍ରସଙ୍ଗରେ ସେ ମୋତେ କମେଡି ରୋଲ୍ କରିବାକୁ ପ୍ରସ୍ତାବ ଦେଇଥିଲେ। ଏପରିକି ଜଣେ ପ୍ରଯୋଜକଙ୍କ ସହ ସେ ଏନେଇ ପ୍ରାରମ୍ଭିକ ସ୍ତରରେ କଥା ହୋଇଥିବାର ସୂଚନା ଦେଇଥିଲେ। ଏବେ ଗୋଟିଏ ଭଲ କମେଡି କନସେପ୍ଟ ଖୋଜୁଛି। ଆଶା ରଖିଛି ମାସେ ଭିତରେ ମୋର ଏହି କାହାଣୀ ମିଶନ ଶେଷ ହେବ।'' ସାରା ସିନା ମନଲାଖି କମେଡିଭିତ୍ତିକ କାହାଣୀଟିଏ ପାଇଯିବେ, ହେଲେ ତାହା ସିନେମାରେ ରୂପାନ୍ତରିତ ହେବା ବଡ କଥା। ଦେଖାଯାଉ, କେଉଁ ପାଣି କୁଆଡେ ଯାଉଛି !



ସାରା

# ଠାକୁରଙ୍କ ପାଖେ ଲଡୁ ଭୋଗ ହୋଇଥିଲା

ପ୍ରଥମ ରୋଜଗାର



ଲେଖିକା **ମୌସୁମୀ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପ୍ରଥମ ପ୍ରେମ ଭଳି ପ୍ରଥମ ରୋଜଗାରର ଶିହରଣ। ଏ ବିଷୟରେ ଲେଖିବାକୁ ବସିଲାବେଳେ ମନ ଫେରି ଯାଉଛି ସୁଦୂର ଅତୀତକୁ। ସେଦିନର ପୁଲକ ଫଗୁଣ ପବନ ପରି ଆନମନା କରିଦେଉଛି। ଫେରେଇ ନେଉଛି ମୋ'ର ପିଲାଦିନକୁ। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବସିବାକୁ ହେଲେ ବାର୍ଷିକ ପରୀକ୍ଷା ପୂର୍ବରୁ ଗୋଟେ ଟେଷ୍ଟ ହେଉଥିଲା। ସେଥିରେ ମୁଁ ସବୁ ବିଷୟରେ ଭଲ କରିଥିଲେ ବି ଅଙ୍କରେ ଅଳ୍ପ କିଛି ମାର୍କ ଯୋଗୁ ପ୍ରଥମ ତିନିଜଣଙ୍କ ଭିତରେ ରହି ପାରିଲିନି। କିନ୍ତୁ ବାର୍ଷିକ ପରୀକ୍ଷାରେ ସବୁ ବିଷୟରେ ପ୍ରଥମ ହୋଇ ଶ୍ରେଣୀରେ ପ୍ରଥମ ହେଲି। ତେଣୁ ବୃତ୍ତି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେଲି। ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି। ଏବେ ମନେ ପଡୁନାହିଁ, ସେତେବେଳେ କେତେ ଟଙ୍କା ମିଳୁଥିଲା। କିନ୍ତୁ ପ୍ରଥମ କରି ନିଜ ପରିଶ୍ରମର ଫଳ ହାତରେ ଧରିଥିଲି। ଜେଜେମା'କୁ ଟଙ୍କାତକ ନେଇ ଦେଇଥିଲି। ଘରେ ସମସ୍ତେ ଖୁବ୍ ଖୁସି ହୋଇଯାଇଥିଲେ। ଜେଜେମା' ଠାକୁରଙ୍କ ପାଖରେ ଲଡୁ ଭୋଗ କରି ସାରା ସାହିରେ ବାଣ୍ଟିଥିଲା। ପରେ ପଞ୍ଚମ ଓ ସପ୍ତମରେ ବି ବୃତ୍ତି ପାଇଥିଲି। ଜେଜେବାପା ସେସବୁ ଟଙ୍କା ବ୍ୟାଙ୍କରେ ନେଇ ରଖି ଦେଉଥିଲେ।

ଏ ତ ଗଲା ପିଲାଦିନର କଥା। ବିଧିବଦ୍ଧ ଭାବରେ ଜୀବନର ପ୍ରଥମ ରୋଜଗାର ଆରମ୍ଭ ହେଲା ଓଡ଼ିଶା ସରକାରଙ୍କ ସଚିବାଳୟରେ ସାଧାରଣ ପ୍ରଶାସନ ବିଭାଗରେ କନିଷ୍ଠ ସହାୟକ ଭାବେ। ସେତେବେଳେ ଆମର ମୂଳ ଦରମା ଥିଲା ୯୯୦ ଟଙ୍କା ଏବଂ ତା'ସହିତ ମହଙ୍ଗା ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ହଜାରରୁ ଅଳ୍ପ କିଛି ଅଧିକ ଟଙ୍କା ଥିଲା। ପ୍ରଥମ ଦରମା ପାଇଲେ କ'ଣ କ'ଣ କରିବି, ତା'ର ତାଲିକା କରିବା ଆରମ୍ଭ କରିଦେଇଥିଲି ମୁଁ। ମୋ ସହିତ ମୋର ଦୁଇ ଭଉଣୀ ଆଉ ବୋଉ ବି। ଆକାଉଣ୍ଟ୍ସ ସେକ୍ସନରେ ଅକ୍ଟୋବର ୧ତାରିଖ ଦିନ ଦୁଇଟା ପରେ ଦରମା ବଣ୍ଟନ ଥିଲା। ଆମେ ଯେଉଁମାନେ ସେପ୍ଟେମ୍ବର ମାସରେ ନୂଆ ଜଏନ୍ କରିଥିଲୁ, ସମସ୍ତଙ୍କ ଭିତରେ ଖୁବ୍ ଉତ୍ସାହ। ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା ବି କରୁଥାଉ କେତେବେଳେ ଆମ ପାଳି ଆସିବ। ହାତରେ ରେଭିନ୍ୟୁ ଟିକେଟ ଆଉ କଲମ। ସମସ୍ତେ କିଛି ନା କିଛି ଗପୁଥିଲା ବେଳେ ମୁଁ ଥିଲି ଏକଦମ୍ ଚୁପ୍। ମନ ଭିତରେ କେତେ କ'ଣ କଥା ଚାଲିଥିଲା ମୋ'ର। ଯେତେବେଳେ ଖବରକାଗଜରୁ ରେଜଲ୍ଟ ଦେଖିଥିଲି, ଖୁସି ସହିତ ଲୁହ ବି ଝରି ଆସିଥିଲା ଦୁଃଖରେ। ଦୁଃଖ ଏଥିପାଇଁ ଥିଲା ଯେ, ମୋତେ ଅତି ଛୋଟବେଳୁ ବାପା ମା' ଭଳି ଲାଳନପାଳନ କରି ବଡ଼ାଇଥିବା ଜେଜେବାପା ଓ ଜେଜେମା' ଆଜି ନାହାନ୍ତି ମୋ ଖୁସିରେ ସାମିଲ ହେବାକୁ। ବୋଉ ବୁଝେଇଥିଲା, ସେମାନେ ସବୁବେଳେ ତୋ' ସହିତ ଅଛନ୍ତି ଆଉ ତୋତେ ଆଶୀର୍ବାଦ କରୁଛନ୍ତି। ଧାଡ଼ିରେ ଛିଡ଼ା ହେଇ ମୁଁ ଭାବିଥିଲି, ଅନ୍ତତଃ ସେମାନଙ୍କ ସ୍ମୃତିରେ ମୁଁ ଦରମା ଟଙ୍କାରେ କିଛି ଭଲ କାମ କରିବି। ସକାଳେ ଘରୁ ଆସିଲାବେଳେ ବୋଉ କହିଥିଲା, ''ପ୍ରଥମ ଦରମାରୁ ମୋତେ ଦୁଇଶହ ଟଙ୍କା ଆଗ ଦେବୁ। ମୁଁ ଚଣ୍ଡୀ ମନ୍ଦିରରେ ଶହେଟଙ୍କାର ଭୋଗ ଲଗେଇବି। ଆଉ ଶହେଟଙ୍କା ଘର ଠାକୁରଙ୍କ ପାଖରେ ରଖିବି। ଏଣିକି ସବୁ ମାସରେ ଦରମା ପାଇଲା ପରେ ଠାକୁରଙ୍କ ପାଖରେ ତୁ ନିଜେ ଶହେଟଙ୍କା ରଖିବୁ।''

ଧାଡ଼ି ଆଗକୁ ବଢୁଥିଲା। ଶେଷରେ ମୋ' ପାଳି ଆସିଲା। ମୋ ହୃଦ୍‌ସ୍ପନ୍ଦନର ଗତି ତୀବ୍ର ହେଇଗଲା। ହାତ ସାମାନ୍ୟ ଥରିଉଠିଲା ଖୁସିର ଉତ୍ତେଜନାରେ। ମନ ଭିତରେ ଠାକୁରଙ୍କ ନାମ ନେଇ ବିଲ୍‌ରେ ରେଭିନ୍ୟୁ ଟିକେଟ ଲଗେଇ ଦସ୍ତଖତ କଲି। ବଡ଼ବାବୁ ଦୁଇ ତିନିଥର ଟଙ୍କା ଗଣି ମୋ ହାତକୁ ବଢ଼ାଇ ଦେଲେ ତିନିହଜାର ଦୁଇଶହ ଟଙ୍କା। କହିଲେ, ''ମୌସୁମୀ, ଭଲକରି ଗଣିକି ଟଙ୍କା ନିଅ।''

ମୋ ଆଖିକୁ ଲୁହ ଚାଲି ଆସିଲା। ଜୀବନର ପ୍ରଥମ ଦରମା। ପ୍ରଥମ ପ୍ରେମ ଭଳି ଶିହରଣ। ଓଠରେ ହସ, ଆଖିରେ ଲୁହ, ଗଡ଼ ଜିଣିବା ଅନୁଭବ। ଆହା, ଶେଷରେ ମୁଁ ଆର୍ଥିକ ଭାବରେ ସ୍ୱାବଲମ୍ବୀ ହୋଇଗଲି। କଟକ ବସ୍‌ରେ ଅଫିସ ଫେରନ୍ତା ଭିଡ଼ କାହିଁରେ କ'ଣ। ଯା'ହେଉ, ଆଚାର୍ଯ୍ୟବିହାର ଛକରୁ ଗାଡ଼ିରେ ଉଠିଲାବେଳେ କଣ୍ଡକ୍ଟର ସିଟ୍ ଦେଇଦେଲେ। ଭିଡ଼ ଭିତରେ ପର୍ସକୁ ଜାବୁଡ଼ି ଧରି ବସିଥିଲି। ସେତେବେଳେ କଟକ ବାଦାମବାଡ଼ିରେ ପହଞ୍ଚିବାକୁ ଘଣ୍ଟାଏ ପରେ ସମୟ ଲାଗୁଥିଲା। ଘରେ ପହଞ୍ଚିଲାବେଳକୁ ବୋଉ ଆଗ ଦୁଆର ଖୋଲିଲା। ତା'କୁ ମୁଣ୍ଡିଆ ମାରି ସବୁତକ ଟଙ୍କା ତା'ହାତରେ ଧରେଇଦେଲି। ସେ ବି ଖୁସିରେ ଲୁହ ଛଳଛଳ ହୋଇଗଲା। ଆଗ ଶହେ ଟଙ୍କା ବାହାର କରି ଠାକୁରଙ୍କ ପାଖରେ ରଖିଦେଲା। ଆଉ ଶହେ ଟଙ୍କା ସାନ ଭଉଣୀକୁ ଦେଇ କହିଲା, ''ଚଣ୍ଡୀ ମନ୍ଦିରରେ ଭୋଗ କରିଦେବୁ।'' ବୋଉକୁ କହିଲି, ''ବୋଉ, ଜେଜେବାପା, ଜେଜେମା'ଙ୍କ ନାଁରେ ଦରିଦ୍ର ନାରାୟଣ ସେବା ପାଇଁ ପାଞ୍ଚଶ' ଟଙ୍କା ଦେବୁ।'' ଛତ୍ରପୁର ସତ୍ୟସାଇ ସେବା ସମିତିରେ ଦେବାପାଇଁ ସେ ଟଙ୍କା ଅଲଗା ରଖିଲି। ସମସ୍ତଙ୍କ ପାଇଁ ତା'ପରେ କିଛି ଟଙ୍କାରେ ମିଠା କିଣା ହୋଇ ଆସିଲା। ତା' ପରଦିନ ଅଫିସରେ ସମସ୍ତଙ୍କୁ ଜଳଖିଆ ଦେବାକୁ ଆଉ କିଛି ଟଙ୍କା ଅଲଗା ରଖିଲି। ଏମିତି ଏମିତି ଅନ୍ୟାନ୍ୟ ହିସାବ କରୁକରୁ ପ୍ରଥମ ଦରମାତକର ସବୁ ଖର୍ଚ୍ଚ ତାଲିକା ହୋଇ ସାରିଥିଲା। ବାବା, ବୋଉଙ୍କ ପାଇଁ ଏବଂ ଦୁଇ ଭଉଣୀଙ୍କ ପାଇଁ ଉପହାର ଆସନ୍ତା ମାସର ଦରମାରେ କିଣାଯିବ ବୋଲି ଠିକ୍ କଲି। ଜୀବନର ପ୍ରଥମ ରୋଜଗାର ମୋ ଭିତରେ ଆତ୍ମବିଶ୍ୱାସ ବଢ଼ାଇ ଦେଇଥିଲା।



ସାଥୀ

# ଅଲଣା ପ୍ରେମରେ ବୁଡିଛି ମନ, ଜଣା ପଡୁ ନାହିଁ ରାତି କି ଦିନ

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ତା' ମନର କଥା ମୁଁ କେମିତି ଜାଣିବି ?

*–ସମର ସାହୁ, ବ୍ରହ୍ମପୁର*

**ଉତ୍ତର:** ଜଣେ ଝିଅର ମନ ଭିତରେ କ'ଣ ରହିଛି ତାହା ଜାଣିବା ଏତେ ସହଜ କଥା ନୁହେଁ। ହେଲେ ପ୍ରେମର ପହିଲି ପରଶରେ ତା'ର ଭାବଭଙ୍ଗୀ, ଚାହାଣିରୁ ଅନେକ କଥା ଜଣାପଡିଥାଏ। ତାହାକୁ ଥଣ୍ଡା ମିଜାଜରେ ପଢ଼ିବାକୁ ପଡିଥାଏ। ତେଣୁ ପ୍ରଥମେ ମନର ସାହସ ଏକଜୁଟ୍ କରନ୍ତୁ। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। ଯଦି ସେପଟୁ କିଛି ସିଗ୍‌ନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ ହେବ କି ?

*–ଦିନେଶ, ବାଲେଶ୍ୱର*

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକେ ଏହାକୁ ହାଲକା ଭାବରେ ନେଇଥାଆନ୍ତି। କାରଣ ପ୍ରେମ ଯଦି ଅଲଣା ହୋଇଗଲା ତେବେ ଗଲା। 'ଅଲଣା ପ୍ରେମରେ ବୁଡିଛି ମନ, ଜଣା ପଡେ ନାହିଁ ରାତି କି ଦିନ।' ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ପ୍ରସନ୍ନ କୁମାର, ଭୁବନେଶ୍ୱର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମିକା ମୋତେ ପ୍ରାୟ ବର୍ଷେ ହେଲାଣି ଧୋକା ଦେଇ ଚାଲି ଯାଇଛି। ଏବେ ମୁଁ ପୁଣି ଥରେ ପ୍ରେମର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଚାହୁଁଛି ? କିପରି ଆରମ୍ଭ କରିବି ଜାଣିପାରୁନାହିଁ।

*–ସଞ୍ଜୟ ଦାସ, ଭବାନୀପାଟଣା*

**ଉତ୍ତର:** ପ୍ରଥମ ପ୍ରେମକୁ ଭୁଲିବା ଏତେ ସହଜ ନୁହେଁ। ଆପଣଙ୍କ ପ୍ରେମିକା ଆପଣଙ୍କୁ ଧୋକା ଦେଇ ଚାଲିଯାଇଛି, ଆଉ ଏବେ ଜଣେ ଝିଅକୁ ପ୍ରେମ କରିବାକୁ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ପ୍ରଥମେ ପୁରୁଣା ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। କାରଣ ଯେତେଦିନ ପର୍ଯ୍ୟନ୍ତ ସେକଥା ମନରେ ଆସୁଥିବ ଆପଣ ଆଗକୁ ଆଗେଇ ପାରିବେ ନାହିଁ। ଯଦି ମନ ହୋଇଛି, ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

# ଭେଲ୍‌ଭେଟ୍ ଟପ୍ସ





**ଅଲ୍‌ଟାଇମ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ଭେଲ୍‌ଭେଟ୍ ଆଉଟ୍‌ଫିଟ୍ । ବିଶେଷକରି ହାଲ୍‌କା ଶୀତରେ ଏହାକୁ ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳିବା ସହ ଶୀତରୁ ବି ରକ୍ଷା ମିଳେ। ଭେଲ୍‌ଭେଟ୍ ଆଉଟ୍‌ଫିଟ୍‌ର ବିଭିନ୍ନ ଭେରାଇଟି ମଧ୍ୟରୁ ଭେଲ୍‌ଭେଟ୍ ଟପ୍ସ ହେଉଛି ଅନ୍ୟତମ ; ଯାହାକୁ ଜିନ୍ସ ହେଉକି ସ୍କର୍ଟ ଅଥବା ଟ୍ରାଉଜର୍ ସାଙ୍ଗେ ପିନ୍ଧି ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ପାଇହୁଏ । ତେବେ ଭେଲ୍‌ଭେଟ୍ ଟପ୍ସର କ'ଣ ସବୁ ଟ୍ରେଣ୍ଡିଂ ଡିଜାଇନ୍ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

* **କ୍ରପ୍ ଭେଲ୍‌ଭେଟ୍ ଟପ୍ସ:** ଏହି ଟାଇପ୍‌ର ଟପ୍ସ ଝିଅମାନଙ୍କୁ ଟିକେ ମଡର୍ଣ୍ଣ ଲୁକ୍ ଦେଇଥାଏ । ବିଭିନ୍ନ ସ୍ଲିଭ୍ସରେ ବି ଏହା ଉପଲବ୍ଧ ହୋଇଥାଏ । ଝିଅମାନେ ନିଜ ପସନ୍ଦ ଅନୁଯାୟୀ, ଯେ କୌଣସି ସ୍ଲିଭ୍ସର କ୍ରପ୍ ଭେଲ୍‌ଭେଟ୍ ଟପ୍ସକୁ ଜିନ୍ସ ପ୍ୟାଣ୍ଟ ହେଉକି ମ୍ୟାଚିଂ ଟ୍ରାଉଜର୍ ସହ ପିନ୍ଧି ଆକର୍ଷଣୀୟ ପାର୍ଟି ଲୁକ୍ ପାଇପାରିବେ ।

* **ପେପ୍ଲମ୍ ଭେଲ୍‌ଭେଟ୍ ଟପ୍ସ:** ଏହି ଟାଇପ୍‌ର ଟପ୍ସଗୁଡ଼ିକ ଅଣ୍ଟା ପାଖରେ ଟାଇଟ୍ ହୋଇକି ରହେ ଆଉ ତା' ତଳକୁ ଟିକେ ଫ୍ଲେୟର୍ଡ ଡିଜାଇନ୍‌ରେ ଆସିଥାଏ ; ଯାହାକି ଝିଅମାନଙ୍କୁ କ୍ଲାସିକ୍ ଲୁକ୍ ଦେଇଥାଏ । ଏହି ଟାଇପ୍‌ର ଟପ୍ସକୁ ଡେନିମ୍ ଜିନ୍ସ ସାଙ୍ଗେ ପେୟାର୍ କଲେ ସ୍ମାର୍ଟ ଲୁକ୍ ମିଳେ । ଆଉଟିଂ ହେଉକି ଅଫିସ୍‌କୁ ବି ଏହି ଲୁକ୍‌ରେ ଆରାମରେ ଯାଇହୁଏ ।

* **ଭି ନେକ୍ ଓ ହାଇ ନେକ୍ ଭେଲ୍‌ଭେଟ୍ ଟପ୍ସ:** ଷ୍ଟାଇଲିଶ୍ ସାଙ୍ଗକୁ ହାଲ୍‌କା ଶୀତରେ ଗରମର ଅନୁଭବ ଦେବା ପାଇଁ ଏହି ଟାଇପ୍‌ର ଟପ୍ସ ପରଫେକ୍ଟ ହୋଇଥାଏ । ଶୀତଦିନେ ଜିନ୍ସ ହେଉ କି ଟ୍ରାଉଜର୍ ସାଙ୍ଗେ ମ୍ୟାଚିଂ କରି ଏହି ଟପ୍ସକୁ ପିନ୍ଧି ମାର୍କେଟିଂ ପାଇଁ ହେଉ ଅଥବା ସାଙ୍ଗସାଥୀଙ୍କ ସହ ଆଉଟିଂରେ ଗଲେ ବେଶ୍ କମ୍ଫଟେବଲ୍ ଲାଗିଥାଏ ।

* **ଫୁଲ୍ ସ୍ଲିଭ୍ ଭେଲ୍‌ଭେଟ୍ ଟପ୍ସ:** ହାଲ୍‌କା ଶୀତରେ ଇଭିନିଂ ପାର୍ଟି ପାଇଁ ଏହି ଟାଇପ୍‌ର ଟପ୍ସକୁ ଚୟନ କରିବା ପରଫେକ୍ଟ ହୋଇଥାଏ । ବିଶେଷକରି ଲାଇଟ୍ ଗ୍ରୀନ୍ ଅଥବା ଲାଇଟ୍ ପିଙ୍କ୍ କଲର୍‌ର ଫୁଲ୍ ସ୍ଲିଭ୍ ଭେଲ୍‌ଭେଟ୍ ଟପ୍ସକୁ ମ୍ୟାଚିଂ ଟାଇଜର୍ ଏବଂ ହାଇହିଲ୍ ସାଙ୍ଗେ ଟ୍ରାଏ କଲେ ଆକର୍ଷଣୀୟ ପାର୍ଟି ଲୁକ୍ ମିଳିଥାଏ ।

* **ଭେଲ୍‌ଭେଟ୍ ଜ୍ୟାକେଟ୍ ଟପ୍ସ:** ଜ୍ୟାକେଟ୍ ଷ୍ଟାଇଲ୍‌ରେ ଆସୁଥିବା ଭେଲ୍‌ଭେଟ୍ ଟପ୍ସ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିଲେ ସେମିତି ସ୍ମାର୍ଟ ଲୁକ୍ ମିଳେ । ଜିନ୍ସ ପ୍ୟାଣ୍ଟ ହେଉକି ଟ୍ରାଉଜର୍ ଅଥବା ଅଫିସ୍ ସ୍କର୍ଟ ସାଙ୍ଗେ ପରଫେକ୍ଟ ମ୍ୟାଚ୍ କଲା ଭଳି ଲାଇଟ୍ କଲର୍‌ର ଭେଲ୍‌ଭେଟ୍ ଜ୍ୟାକେଟ୍ ଟପ୍ସକୁ ପିନ୍ଧିଲେ ଝିଅମାନେ ବେଶ୍ ଷ୍ଟାଇଲିଶ୍ ଲାଗିଥାନ୍ତି । ଅଫିସ୍ ଲୁକ୍ ପାଇଁ ବି ଏହା ପରଫେକ୍ଟ ହୋଇଥାଏ ।

* **କ୍ରସ୍ଡ ଭେଲ୍‌ଭେଟ୍ ଟପ୍ସ:** ଏହି ଟାଇପ୍‌ର ଟପ୍ସଗୁଡ଼ିକ ଟିକେ ଅଧିକ ଚମକ୍‌ଦାର୍ ଆଉ ଢିଲା ଡିଜାଇନ୍‌ରେ ଆସିଥାଏ । ଶୀତରେ ଆଉଟିଂ ପାଇଁ ଗଲାବେଳେ ଏହି ଟାଇପ୍‌ର ଟପ୍ସକୁ ଜିନ୍ସ ପ୍ୟାଣ୍ଟ ସହ ଟ୍ରାଏ କରିବା ଭିନ୍ନ ଏକ ଅପ୍ସନ ହୋଇପାରେ ।



### କିଛି ଟିପ୍ସ

* ଭେଲ୍‌ଭେଟ୍ ଟପ୍ସ ଦେଖିବାକୁ ଗର୍ଜିୟସ୍ ଲାଗୁଥିବାରୁ ଏହା ସାଙ୍ଗକୁ ଯେତେ ହାଲ୍‌କା ମେକ୍‌ଅପ୍ ନେବେ ସେତେ ଭଲ ।
* ମେରୁନ୍, ବଟଲ୍ ଗ୍ରୀନ୍, ନେଭି ବ୍ଲୁ କଲର୍‌ର ଭେଲ୍‌ଭେଟ୍ ଟପ୍ସ ଝିଅମାନଙ୍କର ବେଶି ପସନ୍ଦ ହୋଇଥାଏ ।





## ହାଃ ହାଃ

### ଜାନୁ


ମଣ୍ଟୁ ରାଜୁକୁ: ତୋର କେହି ଜାନୁ ଅଛନ୍ତି ?
ରାଜୁ: ନା।
ମଣ୍ଟୁ: ତତେ ଟିକେ ଲାଜ ଲାଗିବା କଥା।
ଜାନୁଆରୀ ମାସର ବି ଜାନୁ ଅଛି।
ହେଲେ ତୋର ନାହିଁ ?

### ଟାକ୍ସି

ତିନିଜଣ ମଦୁଆ ଏକ ଟାକ୍ସି ରିଜର୍ଭ କଲେ ଘରକୁ ଯିବା ପାଇଁ। ସେମାନଙ୍କର ଅବସ୍ଥା ଦେଖି ଟାକ୍ସି ଡ୍ରାଇଭର୍ ସେମାନଙ୍କୁ ଗାଡି ଭିତରେ କିଛି ସମୟ ପାଇଁ ବସାଇ, ଗାଡି ଠିଆ ଥିବା ଅବସ୍ଥାରେ ହିଁ ଜୋର୍‌ରେ ଏକ୍ସଲେଟର୍ ଦବାଇ ଗାଡି ବନ୍ଦ କରିଦେଲା। ଆଉ କହିଲା–ଆପଣମାନେ ଯେଉଁଠି ଯିବାକୁ କହୁଥିଲେ ସେଠି ପହଞ୍ଚିଗଲେ। ଟଙ୍କା ଦିଅନ୍ତୁ ଆଉ ଓହ୍ଲାନ୍ତୁ।
ପ୍ରଥମ ମଦୁଆ ଟଙ୍କା ଦେଲା..
ଦ୍ୱିତୀୟ ମଦୁଆ: ଥ୍ୟାଙ୍କ ୟୁ..
ତୃତୀୟ ମଦୁଆ ଗୋଟେ ଚାପୁଡା ମାରିଲା। ଡ୍ରାଇଭର ଡ଼ରିଗଲା ଓ ଭାବିଲା ଇଏ ସତ ଜାଣିଗଲା ବୋଧେ।
ହେଲେ ତୃତୀୟ ମଦୁଆ କହିଲା: ଯେତେ ଜୋର୍‌ରେ ଗାଡ଼ି ଚଲଉଛୁ ଆଜି ମାରିଥାନ୍ତୁ ଆମକୁ।

### ଅର୍ଥ

ଶିକ୍ଷକ ଗୋଲୁକୁ: 'ନିଆଁରେ ଘିଅ ଢାଳିବା' ର ଅର୍ଥକୁ ଉଦାହରଣ ସହ ବୁଝାଇ କହିଲୁ..
ଗୋଲୁ: ମାମା ରାଗିଥିବା ସମୟରେ ତାଙ୍କ ସାମ୍‌ନାରେ ମୋବାଇଲରେ ଗେମ୍ ଖେଳିବା।
ଶିକ୍ଷକ: 'ନିଜ ଗୋଡରେ ନିଜେ କୁରାଢୀ ମାରିବାର ଅର୍ଥ ବୁଝାଇ କହିଲୁ..
ଗୋଲୁ: ସାଙ୍ଗ ପଠାଇଥିବା ଭଏସ୍ ମେସେଜ୍‌କୁ ବିନା ଇୟର ଫୋନ୍‌ରେ ପ୍ଲେ କରିବା।
ଶିକ୍ଷକ: ହେ ଭଗବାନ ! ଏବେ ଦେଖି 'ନଜର ପୁରାଇ ଦେଖିବା'କୁ ଉଦାହରଣ ସହ ବୁଝାଇଲୁ।
ଗୋଲୁ: ନିଜର ହିଁ ଇନ୍‌ଷ୍ଟା ଷ୍ଟୋରୀକୁ ବାରମ୍ବାର ଦେଖିବା।




# ଖଣ୍ଡଗିରି -ଉଦୟଗିରି


ଭୁବନେଶ୍ୱର ମଧ୍ୟଭାଗରେ ଥିବା ଐତିହ୍ୟସମ୍ପନ୍ନ ଖଣ୍ଡଗିରି –ଉଦୟଗିରି ପାହାଡ଼ର ଐତିହାସିକ ପୃଷ୍ଠଭୂମି ଖୁବ୍ ଗୌରବମୟ। ଖଣ୍ଡଗିରି ପାହାଡ଼ର ଉଚ୍ଚତା ପ୍ରାୟ ୪୪ମିଟର ଏବଂ ଉଦୟଗିରି ପାହାଡ଼ର ଉଚ୍ଚତା ପ୍ରାୟ ୩୪ମିଟର ହେବ। ଇତିହାସରୁ ଜଣାପଡ଼େ କଳିଙ୍ଗର ସମ୍ରାଟ ରାଜା ଐର ଖାରବେଳଙ୍କ ଶାସନ କାଳରେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ପ୍ରାୟ ୪୦ଟି ଗୁମ୍ଫା ଖନନ କରାଯାଇଥିଲା। ମାତ୍ର ଏବେ ଉଦୟଗିରିରେ ୧୮ଟି ଗୁମ୍ଫା ଓ ଖଣ୍ଡଗିରିରେ ୧୫ଟି ଗୁମ୍ଫା ରହିଥିବାର ଦୃଷ୍ଟିଗୋଚର ହୁଏ ଏବଂ ଏଠାରେ ପଞ୍ଚତୀର୍ଥ ଜଳକୁଣ୍ଡ ମଧ୍ୟ ରହିଛି।

ଇତିହାସରୁ ଜଣାପଡ଼େ ଅତୀତରେ କଳିଙ୍ଗର ସମ୍ରାଟ ରାଜା ଖାରବେଳଙ୍କ ଶାସନ କାଳରେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଏକାଧିକ ଗୁମ୍ଫା ଖନନ କରାଯାଇଥିଲା। ଜୈନ ସନ୍ନ୍ୟାସୀମାନେ ସେମାନଙ୍କ ଧ୍ୟାନ, ସାଧନା ଓ ଧାର୍ମିକ କାର୍ଯ୍ୟ ଏଠାରେ ସମ୍ପାଦନ କରୁଥିଲେ। ଖ୍ରୀ:ପୂ ଷଷ୍ଠ ଶତାବ୍ଦୀରେ ଜୈନଧର୍ମର ପ୍ରତିଷ୍ଠାତା ମହାବୀର ଖଣ୍ଡଗିରି ଓ ଉଦୟଗିରିକୁ ପରିଦର୍ଶନରେ ଆସିଥିଲେ। ଖାରବେଳଙ୍କ ଶାସନକାଳରେ ହୋଇଥିବା ହାତୀଗୁମ୍ଫା ଶିଳାଲେଖରେ ବ୍ରାହ୍ମୀ ଓ ପାଲି ଭାଷାର ଲିପି ରହିଛି। ଯେଉଁଥିରେ କୁମାର ପର୍ବତ ଓ କୁମାରୀ ପର୍ବତ ନାମ ଉଲ୍ଲେଖ ରହିଛି। ଗୁମ୍ଫାଗୁଡ଼ିକ ମଧ୍ୟରେ– ଜୟ ବିଜୟ ଗୁମ୍ଫା, ଅଳକାପୁରୀ ଗୁମ୍ଫା, ରାଣୀଗୁମ୍ଫା, ଛୋଟହାତୀ ଗୁମ୍ଫା, ବାଜାଘର ଗୁମ୍ଫା, ବାଘଗୁମ୍ଫା, ଗଣେଶଗୁମ୍ଫା, ଜଗନ୍ନାଥ ଗୁମ୍ଫା, ଜମ୍ବେଶ୍ୱର ଗୁମ୍ଫା, ସାପଗୁମ୍ଫା, ହାତୀ ଗୁମ୍ଫା, ରୋଷେୟା ଗୁମ୍ଫା, ଧନଘର ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀଗୁମ୍ଫା, ତାତୁଆଗୁମ୍ଫା, ଅନନ୍ତଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନଗୁମ୍ଫା, ଅମ୍ବିକା ଗୁମ୍ଫା, ନବମୁନିଗୁମ୍ଫା, ବାରଭୁଜାଗୁମ୍ଫା, ତେନ୍ତୁଳି ଗୁମ୍ଫା, ମଞ୍ଚପୁରୀ ଓ ସ୍ୱର୍ଗପୁରୀ ଗୁମ୍ଫା ଆଦି ରହିଛି। ଏକାମ୍ର ଚନ୍ଦ୍ରିକା ପୁରାଣରୁ ଜଣାପଡ଼େ–ଅତୀତରେ ପାହାଡ଼ର ଚାରିପାଖେ ଶହଶହ ବୃକ୍ଷରାଜି ରହିଥିବାବେଳେ, ଏଠାରେ ବିଶାଳ ଆମ୍ରବୃକ୍ଷ ବି ରହିଥିଲା। ବହୁ ପ୍ରଜାତିର ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ପରିବେଶ ଜୈବ ବିବିଧତା ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇ ପାହାଡ଼ ସାଧୁସନ୍ଥଙ୍କ ପାଇଁ ସାଧନାର ଏକ ପବିତ୍ର ପୀଠ। ଏହା ବ୍ୟତୀତ ଏଠାକାର ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ, ଶାନ୍ତ ପରିବେଶ, ଚିତ୍ରକର, ପର୍ଯ୍ୟଟକ ଓ ଗବେଷକଙ୍କ ପାଇଁ ବେଶ ଖୋରାକ ଯୋଗାଇଥାଏ। ସେହିପରି ଏହି ଦୁଇ ପାହାଡ଼ରେ ଥିବା ପଞ୍ଚତୀର୍ଥ ଜଳ କୁଣ୍ଡ ସମ୍ପର୍କରେ ପୌରାଣିକ, ଲୋକକଥା ସହ କିମ୍ବଦନ୍ତୀ ରହିଛି। ପଞ୍ଚତୀର୍ଥ ଜଳକୁଣ୍ଡ ମଧ୍ୟରେ –ଆକାଶଗଙ୍ଗା, ଶ୍ୟାମକୁଣ୍ଡ, ଗୁପ୍ତଗଙ୍ଗା, ରାଧାକୁଣ୍ଡ ଓ ଲଳିତକୁଣ୍ଡ ରହିଛି। ବିଶ୍ୱାସ ରହିଛି ଖଣ୍ଡଗିରି କୁମ୍ଭମେଳାରେ ବୁଡ଼ ପକାଇଲେ ତ୍ରିବେଣୀ ସଙ୍ଗମ ବୁଡ଼ ସହିତ ସମାନ ପୁଣ୍ୟ ମିଳେ ବୋଲି ଧାର୍ମିକ ବିଶ୍ୱାସ ରହିଛି। କାଳକ୍ରମେ ଏଠାକାର କେତୋଟି ଜଳକୁଣ୍ଡ ଅଲୋଡ଼ା ହୋଇପଡ଼ିଛି। ଏହି ସ୍ଥାନର ମହତ୍ତ୍ୱ ସମ୍ପର୍କରେ ବହୁ ସାଧୁସନ୍ଥ ସେମାନଙ୍କ ଆଧାତ୍ମିକ ସାହିତ୍ୟରେ ଉଲ୍ଲେଖ କରିଛନ୍ତି। ସାଧକ ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଛତିଆବଟର ମହନ୍ତ ସନ୍ଥ ହାଡ଼ିଦାସ ଓ ଅଭିରାମ ପରମହଂସ ଦେବ ଆଦି ବହୁ ସାଧୁସନ୍ଥ ଖଣ୍ଡଗିରି –ଉଦୟଗିରି ପାହାଡ଼ର ମହିମା ଗାନ କରିଛନ୍ତି। ଏଠାରେ ମଧ୍ୟ ସନ୍ଥ ଅରକ୍ଷିତ ଦାସଙ୍କ ପାଦୁକା ଆଶ୍ରମ, ସତ୍ୟମହିମା ଆଶ୍ରମ ଆଦି ଏକାଧିକ ଆଶ୍ରମ ଓ ମଠ ରହିଛି। ପ୍ରତିବର୍ଷ ଖଣ୍ଡଗିରି କୁମ୍ଭ ମେଳା ଅବସରରେ ଏଠାରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥାଏ। ଉଦୟଗିରିରେ ସୂର୍ଯ୍ୟପୂଜା କଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ପ୍ରତିବବର୍ଷ ମାଘ ସପ୍ତମୀରେ ଆୟୋଜିତ ହେଉଥିବା ଏହି ମେଳାକୁ ଖଣ୍ଡଗିରି କୁମ୍ଭମେଳା ବୋଲି କୁହାଯାଏ। ସପ୍ତମୀଠାରୁ ପୂର୍ଣ୍ଣିମା ଯାଏ ଏହି ମେଳା ଆୟୋଜିତ ହୋଇଥାଏ। ଏଠାକୁ ସାରା ଭାରତରୁ ସାଧୁସନ୍ଥମାନେ ଆସିଥାନ୍ତି। ଅନ୍ୟପକ୍ଷେ ଏହି ମେଳା ଅବସରରେ ଯାତ୍ରାପ୍ରେମୀଙ୍କ ଲାଗି ଅପେରା ପାର୍ଟି ପଡ଼ିଥାଏ। ଏହି ପ୍ରାଚୀନ ପାହାଡ଼ର ଐତିହ୍ୟ ସମ୍ପର୍କରେ ଜାଣିବା ପାଇଁ ପ୍ରତିଦିନ ବହୁସଂଖ୍ୟକ ଛାତ୍ରୀଛାତ୍ର, ଗବେଷକ, ତୀର୍ଥଯାତ୍ରୀ ଏଠାକୁ ଆସିଥାନ୍ତି। ଏହି ଐତିହାସିକ ପୀଠ ସମ୍ପର୍କରେ ଅଧୀକ ଗବେଷଣାର ଆବଶ୍ୟକତା ରହିଛି ।

–ବନବିହାରୀ ବେହେରା



# ସୌନ୍ଦର୍ଯ୍ୟପୂର୍ଣ୍ଣ ମଣିକରଣ







**ହୀମାଚଳ ପ୍ରଦେଶର କୁଲ୍ଲୁ ଜିଲା ଅନ୍ତର୍ଗତ ଏକ ମନୋରମ ତୀର୍ଥକ୍ଷେତ୍ର ହେଉଛି ମଣିକରଣ। ଉଭୟ ହିନ୍ଦୁ ଓ ଶିଖ୍ ଧର୍ମାବଲମ୍ବୀ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ଧାର୍ମିକସ୍ଥଳୀ ଏଥିସହିତ ସବୁଜ ପରିବେଶରେ ଭରା ବହୁ ଉଚ୍ଚ ଉଚ୍ଚ ପାହାଡ଼, ଉଷ୍ମ ପ୍ରସ୍ରବଣ, ନଦୀ, ଝରଣା, ଉପତ୍ୟକାର ଅପୂର୍ବ ଦୃଶ୍ୟକୁ ବି ପର୍ଯ୍ୟଟକ ଏଠାରେ ମନଭରି ଉପଭୋଗ କରିପାରିବେ ...**

ମଣିକରଣ, ହୀମାଚଳ ପ୍ରଦେଶର କୁଲ୍ଲୁ ଜିଲାରେ ପ୍ରବାହିତ ପାର୍ବତୀ ନଦୀର ଅବବାହିକାରେ ଅବସ୍ଥିତ ଏକ ସୁନ୍ଦର ସହର। ଏହା ଉଭୟ ହିନ୍ଦୁ ଓ ଶିଖ୍ ଧର୍ମାବଲମ୍ବୀ ପର୍ଯ୍ୟଟକଙ୍କ ପାଇଁ ଏକ ଲୋକପ୍ରିୟ ତୀର୍ଥସ୍ଥଳୀ ମଧ୍ୟ। ପର୍ଯ୍ୟଟକ ଏଠାରେ ରାମଚନ୍ଦ୍ରଜୀ ମନ୍ଦିର, ପ୍ରାଚୀନ ଶିବ ମନ୍ଦିର, ଗୁରୁଦ୍ୱାରା, ଉଷ୍ମ ପ୍ରସ୍ରବଣ ତଥା ଆହୁରି ଅନେକ ମନୋରମ ପର୍ଯ୍ୟଟନସ୍ଥଳୀମାନ ବୁଲି ଦେଖିପାରିବେ। କେବଳ ପର୍ଯ୍ୟଟନ ଦୃଷ୍ଟି କୋଣରୁ ନୁହେଁ ଏହି ତୀର୍ଥକ୍ଷେତ୍ରଟି ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ବି ବେଶ୍ ଉନ୍ନତ। ବ୍ୟସ୍ତମୟ ଜୀବନରୁ ଟିକେ କ୍ଷାନ୍ତ ପାଇବାକୁ ଇଚ୍ଛୁକ ଥିବା ପର୍ଯ୍ୟଟକଙ୍କ ନିମନ୍ତେ ଏହା ହେଉଛି ଏକ ଆକର୍ଷଣୀୟ ସ୍ଥାନ।

### ନାମକରଣକୁ ନେଇ କିମ୍ବଦନ୍ତୀ

କିମ୍ବଦନ୍ତୀରୁ ଜଣାଯାଏ ଯେ, ଭଗବାନ ଶିବ ଓ ମାତା ପାର୍ବତୀ ଏହି ସ୍ଥାନରେ ଥରେ ବୁଲୁଥିବା ସମୟରେ ମାତା ପାର୍ବତୀଙ୍କର ଏକ ମଣି (ରତ୍ନ) ପାଣିରେ ପଡିଯାଇଥିଲା ; ଯାହାକୁ ଶେଷନାଗ ପାଇ ନିଜ ପାଖେ ଲୁଚାଇ ରଖିଥିଲେ। ମଣିଟିକୁ ନପାଇ ମାତା ପାର୍ବତୀ ବ୍ୟସ୍ତ ଓ ବିବ୍ରତ ହେଉଥିବାର ଦେଖି ଭଗବାନ ଶିବ ରାଗରେ ତାଣ୍ଡବ ନୃତ୍ୟ କରିବାରୁ ସମସ୍ତେ ଥରହର ହେବାକୁ ଲାଗିଲେ। ଶେଷନାଗ ବି ଭୟଭିତ ହୋଇପଡିଲେ। ଅନ୍ୟ କିଛି ଉପାୟ ନପାଇ ମଣିଟିକୁ ଫେରାଇ ଦେଇଥିଲେ। ଖାସ୍ ଏହି କାରଣ ପାଇଁ ଏହି ସ୍ଥାନଟିର ନାମ ମଣିକରଣ ହୋଇଥିବା ବିଶ୍ୱାସ କରାଯାଏ।


### ଦର୍ଶନୀୟ ସ୍ଥାନ


ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ମଣିକରଣର ଶାନ୍ତ ପରିବେଶରେ କିଛି ସମୟ ବିତାଇଲେ ମନକୁ ଖୁବ୍ ଶାନ୍ତି ଲାଗେ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ।


* **ଶିବପାର୍ବତୀ ମନ୍ଦିର:** ଭଗବାନ ଶିବ ଓ ମାତା ପାର୍ବତୀଙ୍କ ସହିତ ଏହି ସ୍ଥାନର ଯଥେଷ୍ଟ ଗୁରୁତ୍ୱ ରହିଥିବାରୁ ଏଠାରେ ଛୋଟ ବଡ଼ ହୋଇ ଅନେକ ଶିବପାର୍ବତୀ ମନ୍ଦିର ଥିବାର ପର୍ଯ୍ୟଟକ ଦେଖିପାରିବେ।
* **ରାମଚନ୍ଦ୍ରଜୀ ମନ୍ଦିର:** ଏହା ମଧ୍ୟ ହେଉଛି ମଣିକରଣ ନିକଟସ୍ଥ ଅନ୍ୟଏକ ତୀର୍ଥକ୍ଷେତ୍ର। ଏଠାକାର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଶାନ୍ତି ଦେଇଥାଏ।
* **ସାହିବ ଗୁରୁଦ୍ୱାରା:** ଏକଦା ଗୁରୁ ନାନକ ଏହି ସ୍ଥାନକୁ ଭ୍ରମଣରେ ଆସିଥିଲେ। ଆଉ ତାଙ୍କରି ସ୍ମୃତିକୁ ମନେରଖିବା ପାଇଁ ପରବର୍ତ୍ତୀ ସମୟରେ ଏଠାରେ ଏକ ଗୁରୁଦ୍ୱାରା ପ୍ରତିଷ୍ଠା କରାଯାଇଥିଲା।
* **ଉଷ୍ମ ପ୍ରସ୍ରବଣ:** ଏହା ହେଉଛି ମଣିକରଣର ଅନ୍ୟତମ ଆକର୍ଷଣ। ବିଶ୍ୱାସ ରହିଛି ଯେ, ଏହି ଉଷ୍ମ ପ୍ରସ୍ରବଣର ଜଳରେ ସ୍ନାନ କଲେ ଅନେକ ଚର୍ମରୋଗରୁ ମୁକ୍ତି ମିଳିଥାଏ।
* **ପାର୍ବତୀ ଉପତ୍ୟକା:** ପାର୍ବତୀ ନଦୀ ନିକଟରେ ଏକ ଉପତ୍ୟକା ରହିଛି ; ଯାହା ପାର୍ବତୀ ଉପତ୍ୟକା ନାମରେ ପରିଚିତ। ଏହି ଉପତ୍ୟକା ନିକଟରେ ପର୍ଯ୍ୟଟକ ଘୋଡ଼ା ସବାରିର ମଜା ନେଇପାରିବେ।


### କେବେ ଓ କେମିତି ଯିବେ

ଏଠାକୁ ବୁଲିଯିବା ପାଇଁ ମାର୍ଚ୍ଚରୁ ଜୁନ୍ ହେଉଛି ସବୁଠୁ ଉପଯୁକ୍ତ ସମୟ। ହେଲେ ଯେଉଁମାନେ ଶୀତର ମଜା ନେବାକୁ ଚାହୁଁଥାନ୍ତି, ସେମାନେ ଏଠାକୁ ଜାନୁଆରୀ, ଫେବୃଆରୀରେ ବି ଆସିପାରିବେ। ସେହିପରି ଏଠାକୁ ଯିବା ପାଇଁ ପ୍ଲେନ୍, ଟ୍ରେନ୍, ବସ୍‌ର ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେମାନେ ଆରାମରେ ଯାଇ ମଣିକରଣରେ ପହଁଞ୍ଚିପାରିବେ। ତଡକିଆ ଭାତ୍ (ଏକପ୍ରକାର ଭାତ), ବବ୍‌ରୁ(ଏକପ୍ରକାର ମସଲାଦିଆ ପୁରି ଭଳି ବ୍ୟଞ୍ଜନ) ଏଠାରେ ଖାଇବାକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ।









# ଉଦୟପୁରକୁ ହ୍ୱାଇଟ୍ ସିଟି କାହିଁକି କୁହାଯାଏ




**ରାଜସ୍ଥାନର ଏକ ସୁନ୍ଦର ସହର ହେଉଛି ଉଦୟପୁର। ଏହି ସହର ବେଶ୍ ପରିଚିତ 'ହ୍ୱାଇଟ୍ ସିଟି' ଭାବେ। ତେବେ ଜାଣନ୍ତି କି ଏଭଳି ପରିଚୟ ପଛର କାରଣ କ'ଣ? ଜାଣନ୍ତୁ ସେ ସମ୍ପର୍କରେ...**

ରାଜସ୍ଥାନ ଏକ ଖୁବ ସୁନ୍ଦର ରାଜ୍ୟ। କଳା, ସ୍ଥାପତ୍ୟ ଓ ସଂସ୍କୃତିରେ ଭରା ଏହାର ସହରଗୁଡ଼ିକର ବି ସାରା ପୃଥିବୀରେ ରହିଛି ସ୍ୱତନ୍ତ୍ର ପରିଚୟ। ଏଠାକାର ଅନେକ ସହର ତ ରଙ୍ଗର ନାମାନୁସାରେ ବେଶ୍ ପରିଚିତ। ଯେମିତିକି ଜୟପୁରକୁ ଗୋଲାପି ସହର, ଜୈସଲମେରକୁ ଗୋଲ୍ଡେନ ସହର, ଯୋଧପୁରକୁ ବ୍ଲୁ ସହର କୁହାଯାଏ। ସେମିତି ଉଦୟପୁର ହେଉଛି ରାଜସ୍ଥାନର ଏକ ସୁନ୍ଦର ସହର, ଯାହା ଏକ ରଙ୍ଗର ନାମାନୁସାରେ ପରିଚିତ। ଏହି ସହରକୁ 'ହ୍ୱାଇଟ ସିଟି' କୁହାଯାଏ। ଉକ୍ତ ସହର 'ହ୍ରଦର ସହର' ଓ 'ପୂର୍ବର ଭେନିସ୍' ଭାବେ ବି ପରିଚିତ। ଏହି ସହର ନିଜର ସୌନ୍ଦର୍ଯ୍ୟ, ରାଜକୀୟ ଗୌରବ ପାଇଁ ବହୁ ପରିଚିତ। ଆରାବଳୀ ପାହାଡ଼ ଦ୍ୱାରା ପରିବେଷ୍ଟିତ ଏହି ସହର ହ୍ରଦ, ସୁନ୍ଦର ମହଲ ଓ ବଡ଼ ବଡ଼ କୋଠା ପାଇଁ ପରିଚିତ। ଏହାର ଗଳିଗୁଡ଼ିକରେ ଗଲାବେଳେ ପ୍ରତି ମୋଡରେ ଐତିହ୍ୟ, କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ।

ଉଦୟପୁର ଏକ ରୟାଲ ସିଟି, ଯାହାକି ଶହ ଶହ ବର୍ଷ ଧରି ମେୱାର ଶାସକଙ୍କ ରାଜଧାନୀ ଥିଲା। ଏହାକୁ ରୋମାଣ୍ଟିକ ସହର ଭାବେ ମଧ୍ୟ ଗଣନା କରାଯାଏ। ଏଠାକାର ପ୍ରାଚିନ ସ୍ମାରକି, ଭବ୍ୟ ମହଲ, ସୁନ୍ଦର ମନ୍ଦିର ଓ ହ୍ରଦ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ।

**ହ୍ୱାଇଟ୍ ସିଟି କାହିଁକି:** ଯଦି ଭାବୁଥିବେ ଉଦୟପୁରକୁ ହ୍ୱାଇଟ୍ ସିଟି କାହିଁକି କୁହାଯାଏ, ତେବେ ତା' ପଛର କାରଣ ହେଉଛି ଏଠାକାର ପ୍ରାୟ ମହଲ ଓ ବଡ଼ ବଡ଼ କୋଠା ଧଳାରଙ୍ଗର। ଅର୍ଥାତ୍ ଧଳା ମାର୍ବଲ ପଥରରେ ତିଆରି। ପୂର୍ବେ ଏଠାକାର ରାଜା ମହାରାଜା ନିଜ ମହଲକୁ ସୁନ୍ଦର କରିବା ଲାଗି ଧଳା ମାର୍ବଲ ପଥରର ବ୍ୟବହାର କରୁଥିଲେ। ଫଳରେ ମହଲଗୁଡ଼ିକ ବେଶ୍ ସୁନ୍ଦର ଓ ଔଜ୍ଜଲ୍ୟମାନ ଦେଖାଯାଉଥିଲା। ଏତେ ବର୍ଷ ବିତି ଯାଇଥିଲେ ହେଁ ଏବେବି ସେହିସବୁ ମହଲ, କୋଠା ଆଦି ଆଜି ବି ପୂର୍ବବତ୍ ଚକ୍ ଚକ୍ କରୁଛି। ତା'ର ଔଜ୍ଜଲ୍ୟତା ଆଜି ବି ଆଖି ଝଲସାଇଦିଏ। ଏଠି ଥିବା ଧଳାରଙ୍ଗର ତଥା ଧଳା ମାର୍ବଲରେ ତିଆରି ସ୍ଥାପତ୍ୟ ଭିତରେ ରହିଛି ସିଟି ପାଲେସ୍, ଲେକ ପାଲେସ୍, ଜଗଦୀଶ ମନ୍ଦିର, ଫତେହ ସାଗର ଲେକ୍ ଆଦି। ଏହାସହ ଏଠାରେ ଥିବା ଅନେକ ରାଜପୁତ ସ୍ଥାପତ୍ୟ ବି ଧଳା ମାର୍ବଲ ପଥରରେ ତିଆରି। ଫଳରେ ସହର ଧଳାରଙ୍ଗରେ ଝଲସି ଉଠେ। ଆଉ ଏହାକୁ ନଜରରେ ରଖି ଉଦୟପୁରକୁ ହ୍ୱାଇଟ୍ ସିଟିର ଆଖ୍ୟା ମିଳିଛି।



# ରୋବୋ ଟୁଥବ୍ରଶ୍



ବ୍ରଶ୍ କରିବାକୁ ହାଲିଆ ଲାଗୁଛି? ଏଣେ ଦାନ୍ତ ଖରାପ ହେଇଯିବ ବୋଲି ଭୟ ବି ରହୁଛି! ତେବେ ଚିନ୍ତା କରନ୍ତୁ ନାହିଁ। କାରଣ ଏବେ ବ୍ରଶ୍ ଧରି ପରିଶ୍ରମ କରିବାକୁ ପଡ଼ିବ ନାହିଁ, ତଥାପି ଦାନ୍ତ ମୋତି ଭଳି ଚମକିବ। ଭାବୁଥିବେ ଏହା କେମିତି ବା ସମ୍ଭବ? ପ୍ରକୃତ କଥା ହେଉଛି ଜାପାନ ବୈଜ୍ଞାନିକଙ୍କ ଦ୍ୱାରା ବିକାଶ କରାଯାଇଛି ଏକ ହାଇଟେକ୍ ଟୁଥ୍ ବ୍ରଶ୍। ଏହି ବ୍ରଶ୍‌ର ମାଉଥ୍ ପିସ୍‌କୁ କେବଳ ପାଟିରେ ପୁରାଇଦେଇ ଛାଡିଦେଲେ ଆଉ କିଛି କରିବାକୁ ପଡ଼ିବନି। ମାଉଥ ପିସ୍‌ରେ ଥିବା ମେସିନ୍ ସ୍ୱତଃପ୍ରବୃତ୍ତ ଭାବେ ଦାନ୍ତ ସଫା କରିବା ଆରମ୍ଭ କରିଦେବ। ଏହି ରୋବୋ ବ୍ରଶ୍‌ର ଓଜନ ୨୨୦ ଗ୍ରାମ। ଏହି ବ୍ରଶ୍‌ର 'ଇଜି', 'କେୟାରଫୁଲ', 'ସ୍ପେଶାଲ କେୟାର' ଓ 'ଟିଲ୍ଲେକ୍' ଭଳି ମୋଡ ଅଛି। ଜାପାନ ସୋସାଇଟି ଅଫ୍ ହେଲ୍ଥକେୟାର ଡେଣ୍ଟିଷ୍ଟ୍ରି ଏହା ଉପରେ ଗବେଷଣା କରି ଜାଣିବାକୁ ପାଇଛି ଯେ, ଉକ୍ତ ରୋବୋ ବ୍ରଶ ଓରାଲ ହାଇଜିନ ରକ୍ଷା କରେ। ଏହାର ସଫେଇ ହାତରେ ବ୍ରଶ୍ କରିବାଠୁ ବି ଭଲ। ଉକ୍ତ ବ୍ରଶ୍‌ର ମୂଲ୍ୟ ୧୮,୨୪୧ଟଙ୍କା ଧାର୍ଯ୍ୟ କରାଯାଇଛି।






## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଆତ୍ମସ୍ମୃତି ବନାମ ଆତ୍ମସ୍ତୁତି

ବେଶ କିଛିଦିନ ହେବ ମୁଁ ଭାବୁଛି ମଲା ପୂର୍ବରୁ ନିଜ ପିଲାଦିନଠାରୁ ନେଇ ଏଯାବତ ଘଟିଥିବା ସମସ୍ତ ଘଟଣା ଅଘଟଣର ସ୍ମୃତିସବୁକୁ ବନେଇ ଚୁନେଇ ଗୋଟିଏ ଅଧାଡୁଆ ଜୀବନୀ ଲେଖିବି । କାରଣ ମୋର ଦୃଢ଼ ବିଶ୍ୱାସ ଯେ ମୋ ବାଦେ ଯଦି କେହି ମୋ ବିଷୟରେ କିଛି ଲେଖିବ ( କେହି କାହିଁ ମୋ ଉପରେ ଲେଖିବେ ସେଇଟା ଆଉ ଗୋଟେ କଥା ଅବଶ୍ୟ ! ), ମୋର ଉଲ୍ଲେଖନୀୟ ସୁଗୁଣ ସବୁକୁ ଖୋଜିବାରେ ତାଙ୍କର ବହୁ ସମୟର ଅଯଥା ଅପଚୟ ହେବ । ବଞ୍ଚି ଥାଉ ଥାଉ ନିଜ ହାତେ ନିଜ ପ୍ରତିମୂର୍ତ୍ତି ସ୍ଥାପନ ଭଳି , ନିଜ କୃତିକୁ ଅଭିଲେଖରେ ଖୋଦେଇ କଲାଭଳି ନିଜେ ନିଜ ବିଷୟରେ ଯାବତୀୟ ଭଲ ଗୁଣଗୁଡିକୁ ଲିପିବଦ୍ଧ କରିଦେବା ବୁଦ୍ଧିମାନର କାମ ହେବ । ତେଣୁ ‘‘ଶୁଭସ୍ୟ ଶିଘ୍ରମ’’ ନ୍ୟାୟରେ ମୋ ସହ କିଛି ଅଘଟଣ ଘଟିବା ପୂର୍ବରୁ ଏକ ସ୍ମୃତିଲେଖ ପ୍ରସ୍ତୁତ କରିବା ପାଇଁ କିଛି ଜାଣିବା ଶୁଣିବା ଲୋକଙ୍କ ହଜିଲା ଶୈଶବର ସ୍ମୃତିମାନଙ୍କୁ ଫେସବୁକ ଭଳି ସାମାଜିକ ଗଣମାଧ୍ୟମ ଗୁଡିକରୁ ଅଣ୍ଡାଳିଲି । କିଛି କିଛି ଆଇଡ଼ିଆ ମୋ ଖୋଜିବା ଜାଲରେ ମିରିକାଳି ମାଛ ଭଳି ଡିଆଁ ଡେଇଁ କଲେ ।

ପିଲାଙ୍କୁ ମୁଁ ଆଗରୁ ମହାପୁରୁଷଙ୍କ ଜୀବନୀ ବହି କିଣି ଦେଉଥିଲି । ମହାପୁରୁଷଙ୍କ ଜୀବନୀ ପଢିଲେ ସେମାନଙ୍କ ପ୍ରଭାବ ପିଲାଙ୍କ ଉପରେ ପଡିବ ବୋଲି ମୋର ଏକ ଧାରଣା ଥିଲା । ଏମିତିରେ ପିଲାମାନଙ୍କ ଉପରେ ବହୁତ କଥାର ପ୍ରଭାବ ପଡେ । ଆମ ବେଳେ ବି ଅନେକ କଥାର ପ୍ରଭାବ ଆମ ଉପରେ ପଡୁଥିଲା । କିନ୍ତୁ ଏବର ଛୁଆମାନଙ୍କ ଉପରେ ଟିକେ ଶୀଘ୍ର ଓ ଅଧିକ ମାତ୍ରାରେ ପଡୁଛି । ରିକ୍ସା ବାଲାର ପୁଅ ଆଇ.ଏ.ଏସ ପାଇଲା । ଅଟୋ ବାଲାର ପୁଅ ମେଡ଼ିକାଲ ଟପ୍ପର ହେଲା । ଠେଲାରେ ବୁଲି ବୁଲି ପରିବା ବିକୁଥିବା ବିଧବା ମାଆର ଝିଅ ଓଜେଏସ ପାଇଲା ଇତ୍ୟାଦି ଇତ୍ୟାଦି। ତାକୁ ଦେଖି ମୋ ଧର୍ମପତ୍ନୀ ପୁଅକୁ ସବୁବେଳେ ଖୁଣ୍ଟା ଦେବେ। ‘‘ଦେଖୁଛୁ ତ ସେ ଗରିବ ଘର ଛୁଆ କେମିତି ପାଠ ପଢ଼ି ଟପ୍ପର ହେଲା। ଆଉ ତୋତେ ଏତେ ସୁବିଧା ସୁଯୋଗ ଦେଲାପରେ ବି ପରୀକ୍ଷାରେ ଡିମ୍ବ ଆଣୁଛୁ। ଏଇଟା ନ ହେଲେ ଖାଇବିନି, ସେଇଟା ନହେଲେ ପିନ୍ଧିବିନି । ନୂଆ ଖାତା, ନୂଆ ସ୍କୁଲ ଡ୍ରେସ ନହେଲେ ସ୍କୁଲ ଯିବିନି । ଦିନକୁ ଦିଟା ପେନ୍ସିଲ ହଜଉଛୁ । ଦେଖେ ରିକ୍ସାବାଲାର ପୁଅକୁ । ଓଳିଏ ଖାଇଲେ ଓଳିଏ ଉପାସ। ସେଇଥିରେ ଆଜି ପାଠ ପଢି କେତେ ନାଁ କଲାଣି । ଆଉ ଧନ ତୁ ଆମର ଗୋଟାଏ ବୋଲି ପୁଅ, ଆମ ନାଁ ରଖିବୁ ନା ନାହିଁ ? ତୋ ଫୋଟ ଟିକେ ଖବରକାଗଜରେ ଦେଖିବି ନା ନାହିଁ ? ଛାଡ଼ ସବୁ ଆମ ଭାଗ୍ୟ । ବୋପାକୁ ତ ବେପାରରୁ ଫୁରସତ ମିଳୁନି । କେତେଥର କହିଲିଣି, ପୁଅ ପାଇଁ ଆଉ ଦିଟା ଟିଉସନ ମାଷ୍ଟ୍ର ଯୋଗାଡ଼ କର । ମୋ କଥା କିଏ ଏ ଘରେ ଶୁଣୁଛି ଯେ ବୋପା କାନରେ ଢୁକିବ ?’’ ମିଡ଼ିଆର ଏ ସବୁ ଷ୍ଟୋରିରେ ପ୍ରଭାବିତ ହୋଇ ମୋ ପୁଅ ଦିନେ ମୋତେ ପଚାରିଲା, ‘‘ବାବା ତୁମେ ଏ ବେପାର ଛାଡି ରିକ୍ସା ଚଲେଇଲେ ହୁଅନ୍ତା ନାହିଁ ?’’ ବୋଧେ ଆଉ କିଛି ପଚାରିଥାନ୍ତା କିନ୍ତୁ ପାଖରେ ପତ୍ନୀ ଥିଲେ ,ପୁଅ ମୁହଁରେ ହାତ ଦେଇ ଆକଟ କରିଦେଲେ– ‘‘ଛିଃ,ଏମିତି କୁହନ୍ତିନି! ବ୍ୟାଡ ମ୍ୟାନର ।’’ ପୁଅ ସିନା ଆଉ କିଛି ପଚାରି ପାରିଲା ନାହିଁ କିନ୍ତୁ ତା’ ମନ ଭିତରେ ଅନେକ ଅସମାହିତ ପ୍ରଶ୍ନ ନିଶ୍ଚେ ଉଠୁଥିବ। ସେ ଆଇଏଏସ ପିଲା କେତେ ଭାଗ୍ୟବାନ ତା’ ବାପା ତା’ ପାଇଁ କେତେ ତ୍ୟାଗ କରୁଛନ୍ତି। କେତେ ପରିଶ୍ରମ କରି ରିକ୍ସା ଚଲଉଛନ୍ତି। କିନ୍ତୁ ମୋ’ ବାପା ବୋଧେ ମୋତେ ଭଲ ପାଉନାହାନ୍ତି । ଭଲ ପାଉଥିଲେ କ’ଣ ସେ ମୋ ଭବିଷ୍ୟତ ପାଇଁ ବେପାର ବନ୍ଦ କରି ରିକ୍ସା ଚଲଉ ନଥାନ୍ତେ, ପରିବା ବିକୁ ନଥାନ୍ତେ ! କ’ଣ ଦରକାର ମୋ ପାଇଁ ଫି’ ବର୍ଷ ଦୁଇ ସେଟ୍ ବହି କିଣିବା । ଏଥର ମୁଁ ଚିରା ବହି ନେଇ ସ୍କୁଲ ଯିବି । ସାର ପଚାରିଲେ କହିବି ମୋ ବାପାଙ୍କ ପାଖରେ ନୂଆ ବହି କିଣିବା ପାଇଁ ପଇସା ନାହିଁ। ସାର୍ ମୋତେ କୁଣ୍ଢେଇ କାନ୍ଦ କାନ୍ଦ ହେଇଯିବେ ଆଉ ତା’ ପରେ ମୋତେ ତାଙ୍କ ଦରମା ଟଙ୍କାରୁ ନୂଆ ବହି କିଣିକି ଦେବେ । ମୋର ମନଲଗାଇ ପାଠ ପଢିବାକୁ ଇଚ୍ଛା ହେବ ଏବଂ ମୁଁ ଆମ ଜିଲ୍ଲାରେ ପାଠପଢ଼ାରେ ପ୍ରଥମ ହେବି। ଏସବୁ ଶିଶୁ ମନୋବିଜ୍ଞାନର ପାଠ । ପିଲାଙ୍କ ଉପରେ ଏପରି ଜୀବନୀ ଅଥବା ଖବର ସବୁ କି ପ୍ରକାର ପ୍ରଭାବ ପକଉଛି ତାହା ଲେଖିଲେ ଥାକେ କାଗଜ ହେବ । ହାଟ ଭିତରେ ବ୍ରହ୍ମ ଜ୍ଞାନ ଭଳି ଶିଶୁ ମନସ୍ତତ୍ତ୍ୱ, ମନୋବିଜ୍ଞାନ, ନିଷ୍ପାପ ଶିଶୁର ମାନସିକତା ଇତ୍ୟାଦି ଭଳି ବୌଦ୍ଧିକ ତତ୍ତ୍ୱ ସବୁ ଏଠି ଆଲୋଚନା କରି କିଛି ଲାଭ ନାହିଁ । ଛାଡନ୍ତୁ,



ସେଦିନ ପୁଅ ବିଷୟରେ ଭାବି ମନଟା ଅଥୟ ଲାଗୁଥାଏ । ସନ୍ଧ୍ୟାରେ ଶୀଘ୍ର ଘରକୁ ଫେରି ଦେଖେତ ପୁଅ ମନ ଦୁଃଖରେ ତକିଆକୁ ମୁଣ୍ଡ ପୋତି ବସିଛି । ତା’ ପାଖରେ ତା’ ମାମା ମୁଣ୍ଡରେ ହାତ ଦେଇ ସକଉଛି । ମୋତେ ଦେଖି ପତ୍ନୀ କହିଲେ– ‘‘ଦେଖ ତୁମ ପୁଅ କ’ଣ କରିଛି । ନୂଆ ବହି ସବୁ ଚିରି ଧୂନ୍‌ଧୂନା କରିସାରିଲାଣି । କହୁଛି କ’ଣ ନା ତା ସ୍କୁଲ ସାର୍ କାଲେ ଏ ଚିରା ବହି ଦେଖିଲେ ତାକୁ ନୂଆ ବହି କିଣିକି ଦେବେ। ମୋ ମୁଣ୍ଡ ଛୁଇଁ ସତ କହିଲ ତୁମେ ବାହାବେଳେ ଯାହା ସବୁ ପାଠ ପଢିଛ ବୋଲି ମୋ ବାପାଙ୍କୁ କହିଥିଲ ସେ ସବୁ ସତ ନା ମିଛ ? ଏମିତିକା ଅକାଳ କୁଷ୍ମାଣ୍ଡ କେମିତି ମୋ କୋଳରେ ଜନ୍ମ ହେଲା କେଜାଣି ! ପିଟି ପିଟି ମୋର ଚୁଡ଼ି ମୁଠାକ ଗଲାଣି । ମୁଁ ଆଉ ବୁଝେଇପାରିବିନି ଏ ଛୁଆକୁ । ଏବେ ତୁମେ ବୁଝ, ତୁମ ପୁଅ ବୁଝୁ । ମୋ ମୁଣ୍ଡରେ କିଛି ପଶୁନି ।’’

ମୋର କିନ୍ତୁ ପୁଅ ଉପରେ ଯେତିକି ରାଗ ଆସୁନଥିଲା ତା’ଠୁ ଅଧିକା ସେ ମହାପୁରୁଷଙ୍କ ଜୀବନୀ ବହି ଉପରେ ଆସୁଥିଲା । କ’ଣ ଦରକାର ପିଲାଦିନର ଦୁଃଖକଷ୍ଟ କାହାଣୀ ଲେଖିବା । ସେଦିନ ରାତିରେ କିଛି ନଖାଇ ଶୋଇପଡ଼ିଲି । ସ୍ୱପ୍ନ ଦେଖିଲି ମୋ ପତ୍ନୀ ଆସି ମୋତେ ରାଣ ପକେଇ ଖାଇବାକୁ ଡାକୁଛନ୍ତି । ପୁଅ ଉପରେ ଏହାର ପ୍ରଭାବ ପଡୁଛି। ଜୀବନ ଯାକ ଆଉ ବହି ଚିରିବନି ବୋଲି ଶପଥ କରୁଛି । କିନ୍ତୁ ହାୟ ରାତି ପାହି ସକାଳ ହେଲା ପଛେ କେହି ଟିକେ ଡାକିଲେନି । ସକାଳ ଯାଇ ଦିନ ଦି’, ଘଡି ହେଲା ପଛେ କେହି ଗଣ୍ଡେ ବାଢି ଖାଇବାକୁ ଡାକିଲେନି । ଶେଷକୁ ନିଜେ ମାଗିକି ଖାଇବାକୁ ପଡିଲା । ମନ ଭାରି ବିଷାଦଗ୍ରସ୍ତ ହୋଇଗଲା । ମୋ ପୁଅ ତାହାହେଲେ କ’ଣ ଆଉ ଜୀବନ ଯାକ ବହି ନଚିରିବା ପାଇଁ ଶପଥ ନେବନି ? ପୁଅ ଚିନ୍ତାରେ ଚିନ୍ତିତ ସ୍ୱାମୀ ପାଇଁ ମୋ ସ୍ତ୍ରୀ କ’ଣ ମୋ ଦୁଃଖରେ ଆଉଟିପାଉଟି ହେବନି ? ହେ ଭଗବାନ ଏତେ ପାତର ଅନ୍ତର କାହିଁ କର !

ଆତ୍ମସ୍ମୃତି ଲେଖିବାର ଝୁଙ୍କରେ ପାଖରେ ଥିବା ନରିଆ ଭାଇଙ୍କ ପାଖକୁ ଯାଇ ପଚାରିଲି , ‘‘ଆଛା ଭାଇ ତୁମେ ବି ଆତ୍ମଜୀବନୀ ଲେଖୁଛ ଶୁଣିଲି । କୁଆଡେ ଭାରି ରୋଚକ ହେବ ବୋଲି ପ୍ରତିଶ୍ରୁତି ଦେଇଛ ତୁମ ପିଲାଦିନ ସ୍ମୃତି । କ’ଣ ସବୁ ଲେଖିଛ ?’’ ଟିକିଏ ଡରି ଡରି କାନ କୁଣ୍ଡେଇ କୁଣ୍ଡେଇ ପଚାରିଲି । ମୋ କଥା ଶୁଣି ଭାଇ ଟିକେ ଚିନ୍ତିତ ହୋଇଗଲେ ଓ ଏକ ଦୀର୍ଘ ନିଶ୍ୱାସ ଛାଡି କହିଲେ – ‘‘ କାଲି ରାତି ଅନିଦ୍ରା ହୋଇ ବିସ୍ତାଏ କାଗଜ ସାରିଛି । ଭାବୁଛି, ସମସ୍ତେ ତ ନିଜେ ନିଜକୁ ଭଲ ବୋଲି ଲେଖୁଛନ୍ତି । ମୋର ଇଚ୍ଛା ମୁଁ ପିଲାଦିନେ କେମିତି ଖରାପ ପିଲା ଥିଲି ସେଇ ବିଷୟରେ ଲେଖିବି । ସେଥିରେ କିଛି କରୁଣରସ, କିଛି ବ୍ୟଙ୍ଗ, କିଛି ଆତ୍ମସମୀକ୍ଷା, କିଛି ପିତୃମାତୃ ଭକ୍ତିରସ ଫେଣ୍ଟିବି, ଆଉ ଯଦି ସମୟ ହେବ କିଛି ସାମ୍ୟବାଦ କିମ୍ବା ଦେଶଭକ୍ତିର ଛୁଙ୍କ ବି ଦେବି । କେମିତି ହେବ କହିଲୁ ? ମୋ ଆପ୍ରୋଚଟା ମାର୍କେଟ ଟାଣିବ ନା ନାହିଁ?’’ ମୁଁ କହିଲି– ‘‘ଭାଇ ତୁମ ଲେଖା ସେଥିରେ ବାହାରିବ କେମିତି ?’’ ମୋ କଥା ଶୁଣି ଭାଇ ଚିହିଁକି ଗଲେ। କହିଲେ, ‘‘ ତୋତେ ନର୍କ ଦର୍ଶନ ହେଉରେ ମାଙ୍କୁଆ । ମୋ ଭଳିଆ ଯୋଗାଡ଼ିଆ ଲେଖକର ପୁଣି ଲେଖା ବାହାରିବ ନାହିଁ ! ଆରେ କେଉଁ ଲାଇଟ୍‌ର ସ୍ୱିଚ୍ କେଉଁଠି ଅଛି ଯଦି ନ ଜାଣିଛୁ ତେବେ ତୁ କି ଲେଖକ ହେବୁ କିରେ ! ସଠିକ ଜାଗାରେ ସଠିକ କମ୍ପାନୀର ତେଲ ବ୍ୟବହାର କଲେ ସ୍ମୃତି ଆତ୍ମ ସ୍ମୃତି କଥା ଛାଡେ ଗୋବରୀ ପୋକର ଆତ୍ମକାହାଣୀ ବି ବଡ଼ ଆଗ୍ରହରେ ସମ୍ପାଦକ ଛାପିବେ। ଛାଡ ଏ ସବୁ, ଯାହା ଜଣାପଡୁଛି ଲେଖାଲେଖି ତୋ ଦେଇ କସ୍ମିନ କାଳେ ହବନି । ଜୀବନବ୍ୟାପି ସେଇ ନାମ କା ବାସ୍ତା ଲେଖକଟିଏ ହେଇ ରହିଥିବୁ ହେଲେ ପ୍ରତିଷ୍ଠିତ ଲେଖକ କେବେ ହେଇପାରିବୁନି । ତୁ ଆମର ଏ ପତ୍ରିକା ଫତ୍ରିକା ମାୟାରେ ପଶନି ବାବା । ଯାହା ଆଉଛି ମୁଣ୍ଡକୁ ରାମ୍ପି ପକା ସୋସିଆଲ ମିଡିଆରେ । ବେଶୀ ଲୋକ ପଢିବେ ତତେ ସେଇଠି । ଯା ..ଏଣୁ ତେଣୁ କଥା ମୁଣ୍ଡରେ ନପୂରାଇ ପଖାଳ ଖାଇ ଶୋଇପଡ ।’’

–ବନମାଳୀ ଭବନ ,ଖାନ ନଗର , କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### କବି ବ୍ରହ୍ମାନନ୍ଦ ଦାସ ପରିକ୍ରମା

କବି ବ୍ରହ୍ମାନନ୍ଦ ଦାସ ସ୍ମୃତି ପାଠାଗାର ଓ ଗବେଷଣା କେନ୍ଦ୍ର, କଦଳା, କେନ୍ଦ୍ରାପଡ଼ା, ମୂଲ୍ୟ: ୮୦୦ ଟଙ୍କା

କବି ବ୍ରହ୍ମାନନ୍ଦ ଦାସ ପରିକ୍ରମାରେ ୬୪ଟି ଲେଖା ସ୍ଥାନିତ ହୋଇଛି। ବ୍ରହ୍ମାନନ୍ଦ ଦାସଙ୍କ ସୃଜନ ସମ୍ଭାର ଦେଖିଲେ ମନେ ହୁଏ, ଯେମିତି ତାଙ୍କର କବି ହେବା ପାଇଁ ଜନ୍ମ। ହେଲେ ତାଙ୍କର କାବ୍ୟିକ ବିବର୍ତ୍ତନ ସଫଳତାର ଶିଖର ଛୁଇଁବା ପୂର୍ବରୁ ବିଭିନ୍ନ ବନ୍ଧୁର ପଥ ଦେଇ ଗତି କରିଛି। ଆଦ୍ୟ ଜୀବନରେ ତାଙ୍କ ସୃଜନର ଭାଷା ଥିଲା ବୌଦ୍ଧିକ। କିନ୍ତୁ ୧୯୭୦ ମସିହା ପରେ ବ୍ରହ୍ମାନନ୍ଦ ଆସିଲେ ୟୁରୋପୀୟ କବିତାର ସଂସ୍ପର୍ଶରେ। ସେବେଠାରୁ ବ୍ରହ୍ମାନନ୍ଦଙ୍କ ସୃଜନ ଅଧିକ ଶାଣିତ ଓ ବୁଦ୍ଧିମନ୍ତ ହେଲା। ଓଡ଼ିଆ ସାହିତ୍ୟ




କ୍ଷେତ୍ରରେ ତାହା ଏକ ଅଭିନବ ସ୍ୱର ଓ ସ୍ୱାକ୍ଷର। ତାଙ୍କର ଏହି କ୍ଷୁଦ୍ର କବିତାକୁ ‘ଜାପାନର ହାଇକୁ’ ବୋଲି କହିଥାନ୍ତି। ତେବେ ହାଇକୁ କବିତାର ଚିତ୍ର ଓ ଚରିତ୍ରକୁ ଏହା ପ୍ରତିଫଳିତ କରୁଥିଲେ ମଧ୍ୟ ଏହା ଅଧିକ ବ୍ରହ୍ମାନନ୍ଦୀୟ। କବିତା ରଚନାରେ କାହାକୁ ଅନୁସରଣ ନକରି ଅତି ସରଳ ଓ ବୋଧଗମ୍ୟ ଭାଷାରେ ସେ ନିରାଜନା କରିଚାଲିଲେ ଅଳଙ୍କାର ରହିତ ସାହିତ୍ୟକୁ। ସରଳ ଭାଷା ଓ ଉପମାର ପ୍ରୟୋଗ ତଥା ଆବେଗହୀନ ଅନାବଶ୍ୟକ ବର୍ଣ୍ଣନାର ତ୍ୟାଗ ପ୍ରମାଣିତ କରେ ତାଙ୍କ ସୃଜନର ସ୍ୱତନ୍ତ୍ରତା। ଜଣେ ଅନୁବାଦକ ଭାବରେ ବିଶ୍ୱର ବିଭିନ୍ନ କବିମାନଙ୍କର ପ୍ରଗତିଶୀଳ କବିତାର ଅନୁବାଦ କରାଇ ଓଡ଼ିଆ ପାଠକମାନଙ୍କୁ ଭେଟି ଦେଇଛନ୍ତି। ଆଶା କବି ବ୍ରହ୍ମାନନ୍ଦ ଦାସ ପରିକ୍ରମା ସଂକଳନ ପାଠକଙ୍କ ଦ୍ୱାରା ଆଦୃତିଲାଭ କରିବ।

### ମୂକଂ କରୋତି ବାଚାଳଂ

ଡକ୍ଟର ହେନେରିଟା ମିଶ୍ର

ପ୍ରକାଶକ: କାବ୍ୟଲୋକ, ଗ୍ୟାରେଜ ଛକ, ଲୁଇସ୍ ରୋଡ୍, ଭୁବନେଶ୍ୱର–୨, ମୂଲ୍ୟ: ୩୦୦ଟଙ୍କା

ପୁସ୍ତକଟିରେ ଅଷ୍ଟମ ଅଧ୍ୟାୟ ପର୍ଯ୍ୟନ୍ତ ରହିଛି। ପ୍ରତିଟି ଅଧ୍ୟାୟରେ ପ୍ରଭୁଙ୍କର ସର୍ବଧର୍ମ ସମନ୍ୱୟୀ ଭାବଧାରା ବର୍ଣ୍ଣନା ହେବା ସହ ଜଗତରନାଥ ଜଗନ୍ନାଥଙ୍କ ଗୁଣକୀର୍ତ୍ତନ ବର୍ଣ୍ଣନା ହୋଇଛି। ପୂର୍ବ ମହୋଦଧି ତଟରେ ଦଣ୍ଡାୟମାନ ପୁରୁଷୋତ୍ତମଙ୍କର କୀର୍ତ୍ତିବୋଧ ଶ୍ରୀକ୍ଷେତ୍ର। ଏହି ପରମପାବନୀ କ୍ଷେତ୍ର ଅନ୍ତର୍ଗତ ‘ଶ୍ରୀମନ୍ଦିର’ ମଧ୍ୟରେ ବିରାଜିତ ଅଛନ୍ତି ଷୋଳକଳାର ଅଧୀଶ୍ୱର ‘ଜଗନ୍ନାଥ’। ସ୍ଥୂଳ କଳେବର ମଧ୍ୟରେ ସୂକ୍ଷ୍ମତାର ଅପୂର୍ବ ବିମ୍ବ ‘ଦାରୁ’ ଦିଅଁ ଭିତରେ ଉଦ୍‌ଘୋଷିତ ହୋଇଛି। ଭୁବନବିଦିତ ଶ୍ରୀକ୍ଷେତ୍ରରେ ସମତା, ସଂହତି ଓ ସମନ୍ୱୟର ପ୍ରତିଭୂ ସାଜି ଜଗନ୍ନାଥ ମହାପ୍ରଭୁ ଯେଉଁ ବିଶ୍ୱ ଭ୍ରାତୃତ୍ୱବୋଧର ପ୍ରଚାର କରି ଆସୁଛନ୍ତି ; ତାହା ବାସ୍ତବିକ ଅନନ୍ୟ। ଉତ୍କଳ ଭୂଖଣ୍ଡ ଭଳି ଐତିହ ସମ୍ପନ୍ନ ଜାତିର ଅସ୍ମିତା ହିଁ ଜଗନ୍ନାଥ। ସେ ଏକାଧାରାରେ ସଗୁଣ ପୁଣି ନିର୍ଗୁଣ ବ୍ରହ୍ମ ସ୍ୱରୂପ। ସାକାର ଓ ନିରାକାର ଦୁଇ ବିରୋଧାଭାସ ଭିତରେ ଅଦ୍ୱିତୀୟ ଚେତନା। ଅଦ୍ଭୁତ ତାଙ୍କର ଲୀଳା। ଦୃଶ୍ୟ ଓ ଅଦୃଶ୍ୟ ଜଗତର ଏକ ସୂକ୍ଷ୍ମ ପ୍ରତିଫଳନକୁ ସର୍ବ ସପକ୍ଷରେ ପ୍ରତିପାଦିତ କରିବାରେ ପ୍ରଭୁ ଜଗନ୍ନାଥ ଅନ୍ୟତମ। ତେଣୁ ତାଙ୍କ ସୁଦୟା, କରୁଣା ଓ ଆଶୀର୍ବାଦରୁ ମୂକ ବାଚାଳ ହେବ ଆଉ ପଙ୍ଗୁ ଗିରି ଲଙ୍ଘନ କରିବ। ତେଣୁ ତାଙ୍କ ଲୀଳା ଖେଳା ବଡ଼ ଅଦ୍ଭୁତ। ତେଣୁ ଡକ୍ଟର ମିଶ୍ର ଯେଉଁ ପୁସ୍ତକ ରଚନା କରିଛନ୍ତି ତାହା ବାସ୍ତବିକ ପ୍ରଶଂସାଯୋଗ୍ୟ। ଏହା ନିଶ୍ଚୟ ଜଗନ୍ନାଥ ପ୍ରେମୀଙ୍କୁ ବାନ୍ଧି ରଖିବାରେ ସହାୟକ ହେବ।



# ପୋକକୁ ଖାଆନ୍ତି ମିକ୍ସଚର ଭଳି

ଖାଦ୍ୟରୁଚି ସମସ୍ତଙ୍କର ଭିନ୍ନ ଭିନ୍ନ ହୋଇଥାଏ। ଯାହାକୁ ଯେଉଁ ଖାଦ୍ୟ ଭଲଲାଗେ ସିଏ ସେଇ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। କିଛି ଲୋକଙ୍କର ଅଜବ ଖାଦ୍ୟ ରୁଚି ମଧ୍ୟ ଥାଏ। ଏଇ ଯେମିତି ଆମେରିକାର ଜଣେ ଯୁବକଙ୍କୁ ପୋକ ଖାଇବାକୁ ଭଲ ଲାଗେ। ଆଉ ପୋକ ତାଙ୍କର ଏତେ ପସନ୍ଦ ଯେ, ଦିନକୁ ପ୍ରାୟ ୧୦୦ଟି ପୋକ ଖାଇଦିଅନ୍ତି। ଏହି ଯୁବକଜଣକ ହେଉଛନ୍ତି ସିକାଗୋର ୨୬ ବର୍ଷୀୟ କାର୍ଲୋସ୍। କାର୍ଲୋସ୍ କୁହନ୍ତି, 'ପୋକଗୁଡ଼ିକର ସ୍ୱାଦ ପପ୍‌କର୍ନ ଭଳି। ପୋକଗୁଡ଼ିକ ଯେବେ ମୋ ପାଟିରେ ସାଲୁବାଲୁ ହୁଅନ୍ତି ମତେ ଭାରି ମଜା ଲାଗେ। ମୁଁ ଖାସ୍‌କରି ମିଲ୍ ଓର୍ମ ବା ଖାଦ୍ୟରେ ହେଉଥିବା ପୋକ ଖାଇବାକୁ ଭଲ ପାଏ।' ନିକଟରେ କାର୍ଲୋସ୍ ଟିଏଲସିର ଶୋ' 'ମାଇଁ ଷ୍ଟ୍ରେଞ୍ଜ ଆଡିକ୍ସନ୍'ରେ ଅଂଶ ଗ୍ରହଣ କରି ନିଜର ଏହି ଅଜବ ସଉକ ବିଷୟରେ ଜଣାଇ କହିଥିଲେ ଯେ, 'ବିଭିନ୍ନ ପ୍ରକାରର ପୋକ ଭିତରେ ମତେ ଅସରପା ଖାଇବାକୁ ବହୁତ ଭଲ ଲାଗେ। ଅସରପା ଭିତରର ଅଂଶ କଷ୍ଟର୍ଡ ଭଳି ଲାଗେ।' ତେବେ ଭାବୁଛନ୍ତି କି ଏହି ପୋକଗୁଡ଼ିକୁ ସେ ମାଟିରୁ ଗୋଟେଇ ସିଧା ପାଟିରେ ପୁରାଉଥିବେ। ହେଲେ ନା।





ସେ ପୋକଗୁଡ଼ିକୁ ଟଙ୍କା ଦେଇ କିଣି ଆଣି ଖାଆନ୍ତି। କାର୍ଲୋସ କୁହନ୍ତି, 'ଛୋଟବେଳୁ ମୋର ପୋକ ଖାଇବାର ଇଚ୍ଛା ହେଉଥିଲା। ୪ ବର୍ଷ ବୟସର ହୋଇଥିବାବେଳେ ପ୍ରଥମେ ପୋକ ଖାଇଥିଲି। ପୋକ ଖାଇଲେ ମୋ ଶରୀରରେ ଶକ୍ତିର ଅନୁଭବ ହୁଏ।' ହେଲେ ଡାକ୍ତର କୁହନ୍ତି, 'କଞ୍ଚା ପୋକ ଖାଇଲେ ଶରୀରକୁ ବ୍ୟାକ୍ଟେରିଆ ଯାଇପାରେ, ଯାହା ତାଙ୍କ ମସ୍ତିଷ୍କର ଟିସ୍ୟୁକୁ ଖାଇପାରେ।'





# ଆଠ ଫୁଟିଆ ମଣିଷ

ସୁଲତାନ କୋସେନ୍ ଏମିତି ଜଣେ ବ୍ୟକ୍ତି, ଯାହାଙ୍କ ମୁହଁକୁ ଦେଖିବାକୁ ହେଲେ ଆପଣଙ୍କ ବେକରେ ରକା ପଶିଯିବ। କାରଣ ସେ ହେଉଛନ୍ତି ପୃଥିବୀର ସବୁଠାରୁ ଡେଙ୍ଗା ବ୍ୟକ୍ତି। ତୁର୍କୀର ୪୩ ବର୍ଷୀୟ ସୁଲତାନଙ୍କ ଉଚ୍ଚତା ୮ ଫୁଟ ୩ ଇଞ୍ଚ। ଡେଙ୍ଗା ହେବାକୁ କିଏ ବା ନ ଚାହେଁ? ତେଣୁ ଭାବୁଥିବେ ସୁଲତାନ୍ ଭାରି ଲକି। ହେଲେ ସୁଲତାନଙ୍କର ଏହି ଉଚ୍ଚତା ତାଙ୍କ ପାଇଁ ସମସ୍ୟା ପାଲଟିଛି। ଛୋଟବେଳୁ ହିଁ ତାଙ୍କର ଉଚ୍ଚତା ଖୁବ୍ ଶୀଘ୍ର ବଢ଼ିବାକୁ ଲାଗିଥିଲା। ଏଥିପାଇଁ ସାଙ୍ଗସାଥିମାନେ ତାଙ୍କୁ ଚିଡ଼ାଉଥିଲେ। କେହି କେହି ତ ତାଙ୍କୁ ଦେଖି ଡରି ଯାଉଥିଲେ। ତାଙ୍କ ପାଖକୁ ଆସୁ ନ ଥିଲେ। ଧୀରେ ଧୀରେ ଏହି ବର୍ଦ୍ଧିତ ଉଚ୍ଚତା ପାଇଁ ତାଙ୍କ ଶରୀରରେ ଅନ୍ୟ ସମସ୍ୟା ବି ଦେଖା ଦେବାକୁ ଲାଗିଲା। ତାଙ୍କ ଦୃଷ୍ଟିଶକ୍ତି କମିବାକୁ ଲାଗିଲା। ସ୍ଥିତି ଏମିତି ହେଲା ଯେ, ସେ କେବଳ ସାମ୍ନା ଭାଗ ହିଁ କିଛି କିଛି ଦେଖିପାରିଲେ। ତେଣୁ ଘର ଭିତରେ ବନ୍ଦ ହୋଇ ରହୁଥିଲେ। ଡାକ୍ତର ଜାଣିବାକୁ ପାଇଲେ ତାଙ୍କ ପିଟୁଇଟାରୀ ଗ୍ଲାଣ୍ଡରେ ଟ୍ୟୁମର ହୋଇଛି। ଅସ୍ତ୍ରୋପଚାର କରି ତାକୁ ବାହାର କଲେ। ୨୦୦୯ରେ ତାଙ୍କ ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଡେଙ୍ଗା ବ୍ୟକ୍ତିଭାବେ ସ୍ଥାନ ପାଇଲା। ସେ ଏତେ ଡେଙ୍ଗା ଯେ, ତାଙ୍କ ପାଦ ସାଇଜ୍‌ର ଜୋତା ମିଳେନା କି ପୋଷାକ ମିଳେନା। ସେ ତିନିଟି ଖଟକୁ ଯୋଡି ଶୁଅନ୍ତି। ତାଙ୍କ ସହ କେହି ସାଙ୍ଗ ହୁଅନ୍ତି ନାହିଁ। ତେବେ ୨୦୧୩ରେ ମର୍ଭେ ଡିବୋ ନାମକ ମହିଳା ତାଙ୍କୁ ବିବାହ କଲେ। ଏବେ ସେ ସୁଖୀ ବୈବାହିକ ଜୀବନ ଅତିବାହିତ କରୁଛନ୍ତି।

# କେଶ ସମସ୍ୟା ଥିଲେ ଯାଆନ୍ତୁ ଏହି ମନ୍ଦିର

ଆଜିକାଲି କେଶ ଝଡ଼ିବା ଓ ଚନ୍ଦାପଣର ସମସ୍ୟା ପ୍ରାୟ ସମସ୍ତେ ଭୋଗୁଛନ୍ତି। ଏଥିରୁ ମୁକ୍ତି ପାଇବାପାଇଁ କିଏ କେତେ ଉପାୟ ବି ଆପଣାଉଛନ୍ତି। ତେବେ କେଶ ସମସ୍ୟା ଭୋଗୁଥିବା ଲୋକ ଜାଣି ଖୁସି ହେବେ ଯେ, ଏମିତି ଏକ ମନ୍ଦିର ଅଛି ଯେଉଁଠି ଯାଇ ମାନସିକ କଲେ ସମସ୍ତ ପ୍ରକାରର କେଶ ସମସ୍ୟାରୁ ମୁକ୍ତି ମିଳିବ। ଉକ୍ତ ମନ୍ଦିରଟି ହେଉଛି ଜାପାନର ମିକାମୀ ମଠ। ଏଠାକୁ ଲୋକେ କେଶ ପୁନଃ ଉଠିବା, କେଶ ଝଡ଼ିବା ସମସ୍ୟାରୁ ରକ୍ଷା ପାଇବା, କେଶର ସୁସ୍ୱାସ୍ଥ୍ୟ, ଏମିତିକି ହେୟାର ଡ୍ରେସର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ବି ମାନସିକ କରିବାକୁ ଆସିଥାନ୍ତି। ଜାପାନର ପ୍ରଥମ ହେୟାର୍ ଡ୍ରେସର୍ ଫୁଜିୱାରା ମାୟାସୁକିଙ୍କୁ ସମର୍ପିତ କରି ଏହି ମନ୍ଦିର ନିର୍ମାଣ କରାଯାଇଛି। ଏଠାରେ ପ୍ରତିବର୍ଷ ନଭେମ୍ବର ମାସରେ ଏକ



ମୁଖ୍ୟ ଉତ୍ସବ ପାଳନ ହୁଏ। ଯେଉଁଥିରେ ସ୍ଥାନୀୟ ଅଧିବାସୀଙ୍କ ସହ ପର୍ଯ୍ୟଟକ, ଖାସ୍‌କରି ଚନ୍ଦା ତଥା କେଶ ସମସ୍ୟାର ସମ୍ମୁଖୀନ ହେଉଥିବା ଯୁବତୀଯୁବକ ଆସିଥାନ୍ତି ମାନସିକ କରିବା ପାଇଁ। ଏଠାକାର ପ୍ରଥା ବେଶ ଅଜବ। ଭିଜିଟରମାନେ ୧୫୦ ଟଙ୍କାରେ ଏକ ପ୍ରେୟାର ଏନଭଲପ୍ କିଣନ୍ତି। ପୁଜାରୀ ଭିଜିଟରଙ୍କ କେଶରୁ ଅଳ୍ପଟିକେ କାଟି ତା' ଭିତରେ ରଖନ୍ତି। ଏହାପରେ ଭିଜିଟର ଦେବତାଙ୍କୁ ପ୍ରାର୍ଥନା କରନ୍ତି ଯେ, କେଶ ସୁସ୍ଥ, ମଜଭୁତ ଓ ସୁନ୍ଦର ହେଉ। ଏନଭଲପ୍ ପୁଜାରୀଙ୍କୁ ଦେଇ ଦିଅନ୍ତି। କେହି କେହି ଏଠି କେଶଦାନ ବି କରନ୍ତି। ଏହି ମନ୍ଦିରରେ ମାନସିକ କରିଥିବା ଅନେକ ବ୍ୟକ୍ତି ସୁଫଳ ପାଇଥିବା ଦାବି କରାଯାଏ। ତେବେ ବୈଜ୍ଞାନିକଙ୍କ ମତରେ ଏହା ଚମତ୍କାର ନୁହେଁ ବରଂ ଆସ୍ଥା ସହ ପ୍ଲେସିବୋ ଇଫେକ୍ଟ ଯୋଗୁ ଲୋକଙ୍କର କେଶ ସମସ୍ୟା ଦୂର ହୋଇଥାଏ।